ସାହାଯ୍ୟ କରି ସନ ୧୮୭୬ । ୭୭ ସାଲରେ ଇଂଲଣ୍ଡରୁ ଯେଉଁ ଦାନ ଓ ଦୟା ଲାଭ କରିଥିଲେ ତହିଁର ସମୁଚିତ କୃତଜ୍ଞତା ପ୍ରକାଶ କରିବେ ଆମ୍ଭେ ଅତ୍ୟନ୍ତ ଆହ୍ଲାଦିତ ହୋଇ ସଭିଙ୍କୁ ଜଣାଉଅଛୁଁ ଯେ ଏହିମାସ ତା ୨୦ ରିଖରେ କେନ୍ଦ୍ରାପଡାର ଡେପୁଟୀକଲେକ୍ଟର ସେଠାରେ ଏକ ସଭା କରି ଟ ୧୦୯୦ ଙ୍କା ଚାନ୍ଦା ସଂଗ୍ରହ କରିଅଛନ୍ତି ଏବଂ ତହିଁମଧ୍ୟରେ ବାବୁ ଶ୍ୟାମଗୋବିନ୍ଦ ଜଗଦେବ ଓ ବାବୁ ଜଗନ୍ନାଥ ଭ୍ରମରବର ପ୍ରତ୍ୟେକ ଟ ୪୦୦୲ ଙ୍କା ଲେଖାଏ ଚାନ୍ଦା ଦେଇ ବିଶେଷ ବଦାନ୍ୟତା ଦେଖାଇ ଅଛନ୍ତି" ।

ଆମ୍ଭେମାନେ ନିଶ୍ଚୟ ବୋଧ କରୁଁ ଯେ ପାଠକମାନେ ଉପରଲିଖିତ ବିବରଣ ପାଠ କରି ଅବଶ୍ୟ ଦୁଃଖିତ ହେବେ ଓ ଏକାନ୍ତ ବିଶ୍ୱାସ କରୁଁ କି ସଭାପତି କଲେକ୍ଟର ସାହେବ ସଭ୍ୟ ସଂଖ୍ୟା ଅତ୍ୟନ୍ତ ଊଣା ହେବାର ଯେଉଁ କାରଣ କହିଅଛନ୍ତି ( ଅର୍ଥାତ୍ ଅଧିକ ଦିନ ପୂର୍ବରୁ ବିଜ୍ଞାପନ ପ୍ରଚାର ହେବାରୁ ତଦ୍ବିଷୟ ପାସୋର ପକାଇବା ) ତାହାଇ ଯଥାର୍ଥ ହୋଇଥିବ । ନୋହିଲେ ଏ ନଗର ଓଡିଶାର ରାଜଧାନୀ ଓ ଏଠାରେ ବହୁସଂଖ୍ୟକ ଜମିଦାର ମହାଜନ ଉକୀଲ ପ୍ରଭୃତି ସ୍ୱାଧୀନ ବ୍ୟବସାୟୀ ଓ ଉଚ୍ଚ ଗବର୍ଣ୍ଣମେଣ୍ଟ କର୍ମଚାରୀ ଥିବା ପ୍ରତ୍ୟକ୍ଷେ ଏଠାରେ ଏମନ୍ତ ମହତ୍କାର୍ଯ୍ୟର ସଭା ବିଫଳ ହେବା ଅନ୍ୟ କୌଣସି ପ୍ରକାରେ ସମ୍ଭବ ନୁହଇ ବାଲେଶ୍ୱରରେ ପ୍ରାୟ ଦୁଇମାସ ହେବ ଏହି ଉଦ୍ଦେଶରେ ସଭା ହୋଇ ତିନିହଜାର ଟଙ୍କାରୁ ଅଧିକ ଚାନ୍ଦା ଉଠିଅଛି ଓ ସାମାନ୍ୟ ସବ୍ଡିବିଜନ କେନ୍ଦ୍ରାପଡାରେ ପ୍ରଥମସଭାରେ ଏକ ହଜାର ଟଙ୍କାରୁ ଅଧିକ ଉଠିଲା କିନ୍ତୁ କଟକରେ ଭଦ୍ରଲୋକଙ୍କ ଅମନୋଯୋଗ ହେତୁ ପ୍ରଥମସଭାଟି ଆଦୌ ହୋଇ ପାରିଲା ନାହିଁ ଏହା କି ଭାରି ଲଜ୍ଜା ଓ ଦୁଃଖର ବିଷୟ ନୁହଇ ? ଗ୍ରାୟନ୍ତ ବଡନ ସାହେବ ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧକ୍ରମେ ଏସଭା ବସାଇବାକୁ ଯତ୍ନ କରିଥିଲେ ଏବଂ ସେ ସ୍ୱୟଂ ଯେମନ୍ତ ଏଠାଲୋକଙ୍କ ସହିତ ସଦ୍ଭାବ ସ୍ଥାପନ କରିଅଛନ୍ତି ଏବଂ ସୁବିଚାର ପୂର୍ବକ କର୍ମ ଚଳାଇବାଦ୍ୱାରା ପ୍ରୀତିଭାଜନ ହୋଇଅଛନ୍ତି କେବଳ ତେତିକ ଲବ ଅନେକ ଲୋକ ଆଗ୍ରହ ପୂର୍ବକ ସଭାକୁ ଯାଇଥାନ୍ତେ । ଏଥିଉତ୍ତାରୁ ଯେତେବେଳେ ଚାନ୍ଦା କରିବାକୁ ହୁଅଇ ଯେ ଏ ସଭା କିଛି କଲେକ୍ଟର ସାହେବଙ୍କ ନିଜର କର୍ମ ସକାଶେ ହୋଇ ନାହିଁ ମାତ୍ର ଅନ୍ନାଭାବରେ ପ୍ରାଣତ୍ୟାଗ କରୁଥିବା ଓ ଦୁର୍ଭିକ୍ଷର ନାନା କ୍ଲେଶରେ ପୀଡିତଥିବା ବ୍ୟକ୍ତିଙ୍କ ପ୍ରାଣ ରକ୍ଷାର ଯତ୍କିଞ୍ଚିତ୍ ପ୍ରତୀକାର ଉଦ୍ଦେଶରେ କିଛି୨ ଦାନ କରିବା ଓ ତଦ୍ଦ୍ୱାରା ଆମ୍ଭମାନଙ୍କର ମନୁଷ୍ୟତା ଓ ସଭ୍ୟତାର ଗୌରବ ରକ୍ଷା କରିବା ସକାଶେ ଏ ସଭା ହୋଇଥିଲା ତେତେବେଳେ ଏମନ୍ତ ସଭାରେ ଉପସ୍ଥିତ ନ ହେବା ଓ ତଦ୍ଦ୍ୱାରା ମନୁଷ୍ୟ ଜୀବନର ଏମନ୍ତ ସାର କର୍ମରେ ଯୋଗଦେବାରୁ ବଞ୍ଚିତ ରହିବା କେତେ କଠିନ ହୃଦୟର କାର୍ଯ୍ୟ ଅଟଇ ତାହା ଆମ୍ଭେମାନେ ସମ୍ୟକ୍ ବ୍ୟକ୍ତ କରିବାକୁ ଅସମର୍ଥ । ଦେଖ କେଉଁଠାରେ ମାନ୍ଦ୍ରାଜ ଓ କେଉଁଠାରେ ଇଂଲଣ୍ଡ ଏବଂ ଭାରତେଶ୍ୱରୀଙ୍କ ପ୍ରଜା ଭିନ୍ନ ଦୂରଦେଶର କୌଣସି ସମ୍ପର୍କ ନାହିଁ କିନ୍ତୁ ମାନ୍ଦ୍ରାଜର ଦୁର୍ଦ୍ଦଶାର କଥା ଶୁଣିଲା ମାତ୍ରକେ ଇଂଲଣ୍ଡର ସହାନୁଭୂତି ଉଚ୍ଚ ତରଙ୍ଗରେ ପ୍ରବାହିତ ହେଲା ଓ ଦୁଇମାସ ମଧ୍ୟରେ ଅର୍ଦ୍ଧକୋଟି ଟଙ୍କା ପଠାଇ ଦେଇ କେତେ ମହାପ୍ରାଣିର ଜୀବନ ରକ୍ଷା କଲେ ! ଆମ୍ଭମାନଙ୍କର ମାନ୍ଦ୍ରାଜ ସହିତ ଅତ୍ୟନ୍ତ ଘନିଷ୍ଠଭାବ । ଏକାଗ୍ରଜ୍ୟର ଲୋକ ଓ ଜାତି ଧର୍ମ ଇତ୍ୟାଦିରେ ଅଧିକ ପ୍ରଭେଦ ନାହିଁ ବୁଝିଲେ ଠିକ ଭାତୃଭାବ ରହିଅଛି । ସେଠା ଲୋକମାନେ ଅନ୍ନକଷ୍ଟରେ ମରୁଥିବେ ଓ ଅମ୍ଭେମାନେ ସୁଖରେ କାଳଯାପନ କରିବୁଁ ମନୁଷ୍ୟ ହୋଇ କାହା ଦେହରେ ଏ କଥା ସହିବ । ଦୁର୍ଭିକ୍ଷ ଯେ କେମନ୍ତ ଭୟଙ୍କର ବିପଦ ଓ ଏଥିରେ ଅର୍ଥ ସାହାଯ୍ୟଦ୍ୱାରା କେତେ ଉପକାର ହୁଅଇ ତାହା ଆମ୍ଭେମାନେ ସ୍ୱୟଂ ଅନୁଭବଦ୍ୱାରା ବୁଝିଅଛୁଁ ତାହା କେବଳ ଦଶବର୍ଷ ତଳେ ଘଟିଥିଲା ଆମ୍ଭେମାନେ ଏହି ଦେହରେ ତାହା ଭୋଗ କରିଅଛୁଁ । ଯେବେ ସେକାଳରେ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ଛଡା ଇଂଲଣ୍ଡ ଓ ଭାରତବର୍ଷର ଲୋକମାନେ ବଦାନ୍ୟତା ପ୍ରକାଶପୂର୍ବକ ଚାନ୍ଦାଦ୍ୱାରା ସାହାଯ୍ୟ କରି ନ ଥାନ୍ତେ ତେବେ ଓଡିଶାର ଦୁର୍ଦ୍ଦଶା ଆହୁରି କେତେ ମନ୍ଦ ହୋଇ ନ ଥାନ୍ତା । ସୁତରାଂ ଆମ୍ଭମାନଙ୍କୁ ଏ ବିଷୟରେ ଅଗ୍ରସର ହେବାର ଉଚିତଥିଲା କିନ୍ତୁ ବଡ଼ ଦୁଃଖର ବିଷୟ ଯେ ଅଦ୍ୟାପି କଟକବାସିମାନେ ଏକପଇସା ଚାନ୍ଦା ଦେଇ ନାହାନ୍ତି । ଦୁର୍ଭିକ୍ଷ ଦୈବଦୁର୍ଘଟନା ଅବଶ୍ୟ ଈଶ୍ୱରଙ୍କ କୃପାରୁ ବାହାରିଯିବ କିନ୍ତୁ ଆମ୍ଭମାନଙ୍କର କଥା ଚହଲାପଡିବ । ବାସ୍ତବରେ ଆମ୍ଭେମାନେ କିଛି ନ କଲେ ଆମ୍ଭମାନଙ୍କଠାରୁ ଅଧିକ ଅକୃତଜ୍ଞ ସଂସାରେ ଖୋଜି ପାଇବାର କଠିନ ହେବ । ଅନେକ ଲୋକ କହିଅଛନ୍ତି କି ମାନ୍ଦ୍ରାଜ ଦୁର୍ଭିକ୍ଷ ସକାଶେ ଆମ୍ଭେମାନେ କାଲମହାଙ୍ଗାରେ ପଡି ହରବର ହେଉଅଛୁଁ ଏ ସମୟରେ କିପରି ଦାନ କରିବୁଁ । ଏକଥା ଅଳ୍ପ ଉପାୟ ଶାଳୀ କଣିକ୍ରିଆଙ୍କ ପକ୍ଷରେ ସତ୍ୟ ଅଟଇ ଓ ଆପଣା ପ୍ରାଣରକ୍ଷା କରିବା ସଙ୍ଗେ ଉଚିତ କିନ୍ତୁ ସାମାନ୍ୟ ଅବସ୍ଥାର ଲୋକସବୁ ଭିକାରୀଟିଏ ଦ୍ୱାରକୁ ଆସିଲେ ଆପଣା ପେଟରୁ କାଟି ହେଲେ ମୁଠାଏ ଭିକ ଦିଅଇ ଏବଂ ଏହି ସମୟରେ ଓଡିଶାର ଜମିଦାର ମହାଜନ ଓ ଅନ୍ୟାନ୍ୟ ବ୍ୟବସାୟିମାନେ ଏହି ଦୁର୍ଭିକ୍ଷ ହେତୁରୁ କେତେ ଲାଭ କରିଅଛନ୍ତି ନିତାନ୍ତ ପକ୍ଷରେ ସେ ଲାଭର କିଞ୍ଚିତ୍ ଅଂଶ ଦେବାରତ ଉଚିତ । ଅତଏବ ଆମ୍ଭେମାନେ ଆଶା କରୁଁ ଯେ ଆସନ୍ତା ସଭାରେ କଟକବାସିମାନେ ଅତ୍ୟନ୍ତ ଉତ୍ସାହ ସହକାରେ ସଭାକୁ ଆଗମନ କରିବେ ଏବଂ ଯେ ଯାହାର ସାଧ୍ୟାନୁସାରେ ଚାନ୍ଦା ଦେଇ ଦୁଃଖିଙ୍କର ସହାୟ ହେବେ ଏବଂ ଆପଣାର କର୍ତ୍ତବ୍ୟ ପୂର୍ଣ୍ଣକରିବେ । ଆଗାମୀ ସଭା ଚଳିତମାସ ତା୨୬ରିଖ ମଙ୍ଗଳବାର ଅପରାହ୍ଣ ଘ ୪ୟ ଣ୍ଟା ସମୟରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ହୋମହଲରେ ହେବ ।

---

## ସାପ୍ତାହିକସଂବାଦ ।

ଆମ୍ଭେମାନେ ଖଣ୍ଡିଏ ଇଂରାଜୀ ବ୍ୟାକରଣ (Child's first Grammar) ପ୍ରାପ୍ତ ହୋଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହା ଉମାନାଥ ଦେଙ୍କଦ୍ୱାରା ରଚିତ ଏବଂ ଦ୍ୱାରକାନାଥ ଦେଙ୍କଦ୍ୱାରା ପ୍ରଚାରିତ ହୋଇଅଛି ଏଥିରେ ଇଂରାଜୀ ବ୍ୟାକରଣର ସୂତ୍ରମାନ ଓଡିଆ ଭାଷାରେ ବୁଝାଇ ଦିଆ ଯାଇଅଛି । ଏଥିରେ ବାଳକମାନଙ୍କର ଉପକାର ହୋଇପାରେ ।

ପୁଲିସର ଇନସ୍ପେକ୍ଟର ଜେନରଲ ସାହେବ ବାଲେଶ୍ୱର ସନ୍ଦର୍ଶନ କରି ଗତ ଶୁକ୍ରବାର ଏଠାରେ ପହୁଞ୍ଚିଅଛନ୍ତି । ପୁଲିସ କର୍ମଚାରୀମାନେ ଏଥିପାଇଁ ବଡ଼ ଜାଗ୍ରତ ଦିଶୁଅଛନ୍ତି ।

ଆମ୍ଭମାନଙ୍କ ଜଜ ସାହେବ ଏକ ସପ୍ତାହରୁ ଅଧିକ ହେଲା ବଡ଼ ପୀଡିତ ଅଛନ୍ତି କଚେରୀକୁ ଆସିପାରୁ ନାହାନ୍ତି ।

ତାଲଚେରର ରାଜା ନୂଆଗଡ ରାଜାଙ୍କର ତୃତୀୟକନ୍ୟାକୁ ବିବାହ କରିବା କାରଣ ୪ । ୫ ହଜାର ଲୋକ ସଙ୍ଗେ ଘେନି ଆପଣା ଗଡଠାରୁ ଯାତ୍ରା କରିଅଛନ୍ତି । ଆଗାମୀ ବୁଧବାର ରାତ୍ରରେ

Split by PDF Splitter

Digitized by srujanika@gmail.com

ଶୁଭବିବାହ ହେବ । ଉଭୟ ରାଜା ଏ ଶୁଭକର୍ମକୁ ସୁଖସ୍ୱାଚ୍ଛନ୍ଦ୍ୟପୂର୍ବକ ନିର୍ବାହ କରିବା କାରଣ ବହୁତ ଆୟୋଜନ କରୁଅଛନ୍ତି ଓ ଅନୁମାନ ହୁଅଇ ଉଭୟପକ୍ଷରୁ ପ୍ରାୟ ଦେଢଲକ୍ଷ ଟଙ୍କା ବ୍ୟୟ ହେବ ।

ବାଲେଶ୍ୱରରେ ପୁନର୍ବାର ଚାଉଳର ଦର ଉଚ୍ଚ ହେବାର ଦର୍ପଣ ଲେଖନ୍ତି ସାଫଚାଉଳ ମହଣ ଟ ୨।୵ ହୋଇଅଛି ଓ ମହାଜନମାନଙ୍କର ଚାଉଳ ବିକିବାର ସୀମା ନାହିଁ ।

ବାଲେଶ୍ୱର ଓ ଲକ୍ଷଣନାଥ ଅଞ୍ଚଳରେ ଜ୍ୱରର ଭାରି ପ୍ରାଦୁର୍ଭାବ ହୋଇଅଛି । ଦର୍ପଣ କହନ୍ତି କି ପ୍ରାୟ ଏକହଜାର ଲୋକ ଏରୋଗ ଭୋଗ କରୁଅଛନ୍ତି ଓ ପ୍ରତିଦିନ ୫ । ୭ ଜଣ ଲେଖାଁଏ ମରୁଅଛନ୍ତି । ଏହାକୁ ସେଠା ଲୋକେ 'ମେଲେରିୟା' ଜ୍ୱର କହୁଅଛନ୍ତି । ବଙ୍ଗଳାର ବତାସ ଓଡିଶାଦିଗକୁ ବହିଲା କି ?

ସମ୍ବାଦବାହିକାରେ ଲେଖାଅଛି ଯେ ବାବୁ ପ୍ରସନ୍ନକୁମାର ଘୋଷାଲ ମୟୂରଭଞ୍ଜର ଦେୱାନ ହୋଇଅଛନ୍ତି ଏବଂ ଉତ୍କଳଦର୍ପଣର ସମ୍ପାଦକ ଶ୍ରୀହରିପ୍ରସାଦ ଦାସ ସେଠା ସ୍କୁଲର ମାଷ୍ଟର ହୋଇ ଯାଉଅଛନ୍ତି । ମୟୂରଭଞ୍ଜର ମହାରାଜ ଭଲ୨ ଲୋକମାନଙ୍କୁ ବାଛି ଆପଣା ଗଡକୁ ନେଉଅଛନ୍ତି ଏଥିରେ ତାହାଙ୍କର ବିଶେଷ ସାହାଯ୍ୟ ହେବ ।

ଏସପ୍ତାହରେ ତୁରସ୍କ ଯୁଦ୍ଧର ସମାଚାର କିଛି ଆସି ନାହିଁ ଅନୁମାନ ହୁଅଇ ଶୀତ ଅଥବା ବର୍ଷା ହେତୁ ଯୁଦ୍ଧ ହୋଇ ପାରୁ ନ ଥିବ ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ଉପସ୍ଥିତ ଯୁଦ୍ଧ ବିଷୟରେ ଇଂଲଣ୍ଡରେ ସୁଦ୍ଧା ଦୁଇପ୍ରକାର ମତ ଦେଖାଯାଏ । ଅଧିକାଂଶ ଭୂମ୍ୟଧିକାରୀ ଓ ପାଦ୍ରି ଇତ୍ୟାଦି ତୁରସ୍କ ପକ୍ଷରେ ଓ ଗ୍ଲାଡଷ୍ଟୋନ ସାହେବଙ୍କ ପକ୍ଷ ଏବଂ ଅଧିକାଂଶ ଶ୍ରମଜୀବୀ ରୁଶିୟାର ପକ୍ଷରେ ଅଛନ୍ତି । ଏହିପରି ଇଂଲଣ୍ଡର ଉତ୍ତରାଂଶ ଏବଂ ସ୍କଟଲଣ୍ଡର ଲୋକ ରୁଷିୟା ପକ୍ଷରେ ଏବଂ ଇଂଲଣ୍ଡର ଦକ୍ଷିଣାଂଶ ଓ ଆଇରଲଣ୍ଡର ଲୋକ ତୁରସ୍କ ପକ୍ଷରେ ଅଛନ୍ତି । ଦଳାଦଳୀ ସର୍ବତ୍ରରେ ବିଦ୍ୟମାନ ।

ବିଲାତର ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ରୁଷିୟାର ପ୍ରଧାନନଗରରେ ଏକ ଭାରି ମକଦ୍ଦମାର ବିଚାର ହେବ । ଅସାମୀଙ୍କ ସଂଖ୍ୟା ୧୯୭ ଣ ଅପରାଧ ବିଦ୍ରୋହ ସୂଚକ ମତ ପ୍ରକାଶ କରିବା ଅଟଇ । ସରକାର ପକ୍ଷରୁ ୪୭୨ ଗୁହା ଏବଂ ଆସାମିଙ୍କ ପକ୍ଷରୁ ୧୫୦ ଗୁହା ଇସମନବିସି ଦାଖଲ ହୋଇଅଛି ।

ବାବୁ ରାଧାନାଥ ରାୟଙ୍କ ଜଏଣ୍ଟ ଇନସ୍ପେକ୍ଟରି ପଦରେ ନିଯୋଗ ବିଷୟରେ ହିନ୍ଦୁପେଟ୍ରିଅଟ କହନ୍ତି କି ଶିକ୍ଷାବିଭାଗର ଲୋକମାନେ ଏହାକୁ ଏକ୍ଟିଂ କମିଶନର କାମ୍ପସ ସାହେବଙ୍କ ମୁରବିଗିରିର ଫଳସ୍ୱରୂପ ଜ୍ଞାନ କରନ୍ତି । ଯେସ୍ଥଳେ ଓଡିଶାର ଲୋକକୁ ନିଯୁକ୍ତ କରିବାର ନିଯୁମଟି ଗବର୍ଣ୍ଣମେଣ୍ଟ ସୁବିବେଚନାପୂର୍ବକ ସ୍ଥିର କରିଅଛନ୍ତି ସେସ୍ଥଳେ ଏକ୍ତ ଆପତ୍ତି କେତେ ପ୍ରବଳ ବୋଧ ହେଉ ନାହିଁ ।

ମାନ୍ଦ୍ରାଜରେ ସନ ୧୮୭୨ ସାଲରୁ ଡେଙ୍ଗୁଜ୍ୱର ଦେଖା ନ ଥିଲା । ଏବର୍ଷ ଉତ୍ତର ଆରକ୍କ ଜିଲାରେ ତାହା ଉପସ୍ଥିତ ହୋଇଅଛି । ଦୁର୍ଭିକ୍ଷର ପ୍ରଭାବରୁ କେଉଁ ବିପଦର ଅଭାବ ହୋଇପାରେ ?

ସମାଚାର ପତ୍ରରୁ ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି କି ମହାରାଜ ଜୋବନଲାଲ କମୈଇର ହିନ୍ଦୁମନ୍ଦିର ପକ୍ଷରେ ନିୟମ କରିଅଛନ୍ତି କି ପୁରୁଷ ଓ ସ୍ତ୍ରୀ ଏକାସଙ୍ଗରେ ମିଶି ଦର୍ଶନ କରିବାକୁ ଯାଇ ପାରିବେ ନାହିଁ । ସ୍ତ୍ରୀ ପୁରୁଷ ମିଶାମିଶି ହେବା ମନ୍ଦିରର ଗୋଟିଏ ଭୟାନକ ଦୁର୍ନାମ ଅଟଇ ଓ ଏ ନିୟମ ସର୍ବତ୍ର ହେବାର ଉଚିତ ।

କଲିକତାର ଗୋଟିଏ ବିଖ୍ୟାତ କୋଠି ଅର୍ଥାତ୍ ବର୍ଡ଼ୱେଲ ସିଲର କମ୍ପାନୀ ଭାରି କ୍ଷତିଗ୍ରସ୍ତ ହୋଇ ଅଛନ୍ତି । ଏ କୋଠିର ଦେୟ ୫୦ ଲକ୍ଷ ଟଙ୍କା ଓ ଏହିବର୍ଷ ମାନ୍ଦ୍ରାଜ ଦୁର୍ଭିକ୍ଷ ହେତୁ ଅତ୍ୟନ୍ତ ଅଧିକ କାରବାର କରିବାଦ୍ୱାରା କମ୍ପାନୀ ନଷ୍ଟ ହୋଇଅଛି ଏମନ୍ତ ଅନୁମାନ ହୁଅଇ । ପାଉଣାଦାରମାନେ ପ୍ରତିଟଙ୍କାରେ ଦୁଇଅଣା ଲେଖାଏଁ ପାଇବାର ପ୍ରସ୍ତାବ ହୋଇଅଛି । ବାଣିଜ୍ୟରେ ଯେମନ୍ତ ଲାଭ ତେମନ୍ତ କ୍ଷତି ହୁଅଇ । ପ୍ରାୟ ପଞ୍ଚାଶବର୍ଷ ଉତ୍ତାରୁ ଏ କୋଠିର ଏପରି ଦୁର୍ଦ୍ଦଶା ହେଲା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ମାନ୍ୟବରେଷୁ ।

ମହାଶୟ,—

ଅମ୍ଭର ନିମ୍ନଲିଖିତ ପ୍ରଶ୍ନଟି ପତ୍ରସ୍ଥ କଲେ ଅତ୍ୟନ୍ତ ଉପକୃତ ହେବୁଁ ।

## ପ୍ରଶ୍ନ ।

ଯେଉଁମାନେ ପୁରୁଷାନୁକ୍ରମିକ ରାଜା ଅଥବା ଯେଉଁମାନେ ପୁରୁଷାନୁକ୍ରମେ (ଗବର୍ଣ୍ଣମେଣ୍ଟରୁ) ରାଜୋପାଧି ପ୍ରାପ୍ତ ହୋଇଅଛନ୍ତି ସେମାନଙ୍କର ପୁତ୍ରମାନେ ଅବଶ୍ୟ କୁମାର ନାମରେ ଅଭିହିତ ହେବେ କାରଣ କୁମାର ଅର୍ଥ ଭାବୀ ରାଜା । ତେବେ ଯେଉଁ ଲୋକ କେବଳ ଆପଣାର ଜୀବଦଶା ପର୍ଯ୍ୟନ୍ତ ରାଜୋପାଧି ପ୍ରାପ୍ତ ହୋଇଅଛନ୍ତି ତାହାଙ୍କର ପୁତ୍ର ଆପଣାକୁ କୁମାର ବୋଲି ପରିଚୟ ଦେବେ କି ନା ଯଦି ଦିଅନ୍ତି ତେବେ କେତେଦିନ ପର୍ଯ୍ୟନ୍ତ ? ପିତାର ମୃତ୍ୟୁ ଉତ୍ତାରେ ସେହି ଉପାଧି ବାହାଲ ରହିବ କି ନା ?

ସମ୍ପାଦକ ମହାଶୟ ଆପଣଙ୍କର କୌଣସି ପାଠକ ଏହି ପ୍ରଶ୍ନଟିର ଉତ୍ତର ଦେଲେ ଅତ୍ୟନ୍ତ ଉପକୃତ ହେବୁଁ । ଇତି ।

୨୦।୧୧।୭୭ } ବଶମ୍ବଦ
କଟକ } ଜଣେ ପାଠକ ।

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

| | |
|---|---|
| ଧ୍ରୁବଚରିତ | ଟ ୦ ୵ |
| ହୋଲାହୁଲ ଚଉତିଶା | ଟ ୦ ୧୧ |
| କୌଶଲ୍ୟାଙ୍କରୋଦନ ଚଉତିଶା ଓ କମଳାକାନ୍ତ ବୋଲି | ଟ ୦ ୧୧ |
| ନାବିକେତ | ଟ ୦ ୵୦ |

# ବାବାଜୀ ନାଟକ ।

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ଚରିତ୍ର ଓ ଉପଦେଶ, ବାବାଜିର ମହିମା, ମଠଧାରୀଙ୍କ ଆଚରଣ, ହିନ୍ଦୁ ବାବୁର ସୁରାପାନ, ନବ୍ୟ ବାବୁ ଓ ଦେଶୀୟ ଖ୍ରୀଷ୍ଟିୟାନର କୁସଂସ୍କାର, ଡାଆଣୀ ଭୂତ, ଗାରଡିବିଦ୍ୟା ଏବଂ ରହସ୍ୟ ଓ ଜ୍ଞାନକର କଥାମାନ ଅଛି । କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ପ୍ରତିଖଣ୍ଡ ଚାରିଅଣା ଟ ୦।

ଶ୍ରୀ ଜଗନ୍ମୋହନଲାଲ
ଗ୍ରନ୍ଥକର୍ତ୍ତା ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଲକ୍ଷ୍ମୀଚରଣ ମହାନ୍ତି ଡେପୁଟି କଲେକ୍ଟର ବାଲେଶ୍ୱର | | ଟ ୧୦୧ |
| ଶ୍ରୀ ଶ୍ରୀ ଦେୱାନ୍ କଳାହାଣ୍ଡି | ଅଗ୍ରିମ | ଟ ୭ ୵୵ |
| ମୁନ୍ସି ଗୁରୁ ସହାୟ ଲାଲ ସମ୍ବଲପୁର | ,, | ଟ ୭ ୵୵ |
| ,, ସୟଦ ମହମ୍ମଦ ଅଲି | ବାଲେଶ୍ୱର | ଟ ୩ ୵ |
| ଶ୍ରୀ ଶ୍ରୀ ରାଜା କନିକା ବାମଣ୍ଡା | ,, | ଟ ୧୫ । |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



## ଅ ତି ରି କ୍ତ ।

ଉତ୍କଳଦୀପିକା ତା ୧ ରିଖ ଡିସେମ୍ବର ସନ ୧୮୭୭ ମସିହା ।

( ଅସ୍ମେମାନେ ଏ ବିଷୟରେ ଆପଣାର କର୍ତ୍ତବ୍ୟ ମୂଳ ପତ୍ରିକାରେ ଲେଖିଅଛୁଁ । ଅସ୍ମମାନଙ୍କର ଜଣେ ବନ୍ଧୁଠାରୁ ନିମ୍ନଲିଖିତ ପ୍ରସ୍ତାବଟି ପ୍ରାପ୍ତ ହୋଇଥିବାରୁ ଅତିରିକ୍ତରେ ବାହାର କଲୁଁ ପାଠକମାନେ ବୁଝିବେ ଯେ ଅସ୍ମେମାନେ ଯାହା କହୁଅଛୁଁ ତାହା ଏକା ଅସ୍ମମାନଙ୍କର ମତ ନୁହଇ । ପ୍ରକୃତ ବିଚାର କରିବା ବ୍ୟକ୍ତିଙ୍କର ଏହି ପ୍ରାୟ ମତ ଅଟଇ )

### ମାନ୍ଦ୍ରାଜ ଦୁର୍ଭିକ୍ଷ ଓ ଓଡ଼ିଶାରେ ସେଥିସକାଶେ ଚାନ୍ଦାସଂଗ୍ରହ ।

ଦୁର୍ଭିକ୍ଷର କି ଭୟଙ୍କର ପୀଡ଼ା ତାହା ଓଡ଼ିଶା-ବାସିଙ୍କୁ ବୁଝାଇ ଦେବାର ଆବଶ୍ୟକତା ନାହିଁ । ଗତ ୧୮୬୬ ମସିହାର ଦୁର୍ଭିକ୍ଷ ସେମାନଙ୍କୁ ସେଥିର ଉତ୍ତମ ଶିକ୍ଷା ଦେଇ ଯାଇଅଛି । ବର୍ଷେ ହେବ ଏଥିଁ ବଳ ମାନ୍ଦ୍ରାଜରେ ଦୁର୍ଭିକ୍ଷ ପଡ଼ିଅଛି । ଲକ୍ଷ ଲକ୍ଷ ଲୋକ ଏହା କବଳରେ ପତିତ ହେଲେଣି । ଆହୁରି କେତେ ମନୁଷ୍ୟ ଯେ ଲୋକାନ୍ତରକୁ ଗମନ କରିବେ ତାହା ଅବା କିଏ କହି ପାରେ ? ଦୁର୍ଭିକ୍ଷର ଅତିଶଯ୍ୟର ବିଷୟମାନ ମଧ୍ୟେ ଏହି ସ୍ତମ୍ଭମାନଙ୍କରେ ପ୍ରକାଶିତ ହୋଇଅଛି । ସେଥିର ବାହୁଲ୍ୟ ବିବରଣ ବର୍ତ୍ତମାନ ଅନାବଶ୍ୟକ । ଆଜଯାଏ ଦୁର୍ଭିକ୍ଷର ଶେଷ ବିଶେଷରୂପେ ଓ ବାଞ୍ଛନୀୟ ପ୍ରକାରରେ ଜଣା ପଡ଼ିବାର ସୁଲକ୍ଷଣମାନ ପ୍ରକାଶିତ ହୋଇ ନାହିଁ । ମଗୁଡ଼ିରେ ଦୁର୍ଭିକ୍ଷ ଜାତ ହୋଇଅଛି; ଗତ ମାସକ ମଧ୍ୟରେ ପୁଣି ସେହିପରି ଅତିବୃଷ୍ଟି ହୋଇ ଏକପ୍ରକାର ଜଳପ୍ଲାବନ ଘଟିଅଛି ଏବଂ ସେଥିଦ୍ୱାରା ଦୁର୍ଭିକ୍ଷର କଷ୍ଟ ଆହୁରି ପରିବର୍ଦ୍ଧିତ ହୋଇଅଛି ।

ଦୁର୍ଭିକ୍ଷର କଷ୍ଟ ନିବାରଣ କରିବା ପାଇଁ ଗବର୍ଣ୍ଣମେଣ୍ଟ ଯଥାସାଧ୍ୟ ଯତ୍ନ କରୁଅଛନ୍ତି । ଇଂଲଣ୍ଡର ସାଧାରଣ ଦୟାର୍ଦ୍ରଚିତ୍ତ ଲୋକେ ମୁକ୍ତହସ୍ତରେ ମାନ୍ଦ୍ରାଜସ୍ଥ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକ ଓ ଅନାଥ ବାଳକ ବାଳିକାଙ୍କର ସାହାଯ୍ୟାର୍ଥ ୫୦ ଲକ୍ଷରୁ ଅଧିକ ଟଙ୍କା ଚାନ୍ଦା ଦେଲେଣି, ଧନ୍ୟ ସେମାନଙ୍କର ସହୃଦୟତା !! ପୃଥିବୀର ଅନ୍ୟ କୌଣସି ସ୍ଥାନରୁ ଚାନ୍ଦା ଆସିବାର ମଧ୍ୟ ତ୍ରୁଟି ନାହିଁ । ଭାରତବର୍ଷର ଭିନ୍ନ ଭିନ୍ନ ଅଂଶରୁ ଭିନ୍ନ ଭିନ୍ନ ଶ୍ରେଣୀସ୍ଥ ସହୃଦୟ ଲୋକେ କି ସ୍କୁଲ ବାଳକ କି ଉଚ୍ଚପଦାଭିଷିକ୍ତ ରାଜକର୍ମଚାରୀ ଏବଂ ଧନାଢ୍ୟ ରାଜା ଜମିଦାର ଓ ମହାଜନମାନେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଯଥାଶକ୍ତି ଓ ଯଥା ଇଚ୍ଛା ଚାନ୍ଦା ଦେବାରେ କୁଣ୍ଠିତ ହୋଇ ନାହାନ୍ତି କିନ୍ତୁ ଓଡ଼ିଶାର ଅଧିକାଂଶ ଲୋକେ ବିଶେଷତଃ କଟକଜିଲ୍ଲା ବାସିମାନେ କି ନିର୍ଦ୍ଦୟ କି କଠୋର ସ୍ୱଭାବାପନ୍ନ !! ସେମାନେ ଯେତେବେଳେ ୯ ଅଙ୍କର ଦୁର୍ଭିକ୍ଷରେ ଅର୍ଦ୍ଧପ୍ରାଣ ହୋଇଥିଲେ ମାନ୍ଦ୍ରାଜ କି ସେମାନଙ୍କ ଦୁଃଖକଥା ଶୁଣି ନିଶ୍ଚିନ୍ତ ଥିଲା ? ମାନ୍ଦ୍ରାଜବାସିଏ କି ସାଧ୍ୟମତ ଟଙ୍କା ପଠାଇ ମୁମୂର୍ଷୁ ଦୁଃଖୀ ଓଡ଼ିଆଙ୍କୁ ସାହାଯ୍ୟ କରି ନ ଥିଲେ ? ବର୍ତ୍ତମାନ ସେହି ମାନ୍ଦ୍ରାଜ-ବାସିଙ୍କର କୃତଜ୍ଞତାର ଋଣ ଏଠା ଲୋକେ ଏହିରୂପେ ତାଙ୍କ ଦୁଃଖ କାହାଣିମାନ ଶୁଣି ନିଶ୍ଚିନ୍ତ ହୋଇ ରହି ଶୁଝୁ ଅଛନ୍ତି ? ମାନ୍ଦ୍ରାଜ-ବାସିଙ୍କ କଷ୍ଟର କଥା କି ମୁହୂର୍ତ୍ତକ ସକାଶେ ଏମାନଙ୍କ ହୃଦୟକୁ ମୁଗ୍ଧ କରୁ ନାହିଁ ? କଲିକତାରେ ବର୍ତ୍ତମାନ ଭାରତବର୍ଷର ଚାରିଆଡ଼ୁ ଟଙ୍କା ସଂଗ୍ରହ କରି ମାନ୍ଦ୍ରାଜକୁ ପଠାଇବା ପାଇଁ ଏକ ସଭା ସ୍ଥାପିତ ହୋଇଅଛି । ଧନ୍ୟ ତେବେତ ବାଲେଶ୍ୱରବାସିଙ୍କୁ ! ଜଣାଗଲା ଅଛି ସେମାନଙ୍କର ସହୃଦୟତା ! ଜଣାଗଲା ଦୁଃଖର ରଡ଼ି ତାଙ୍କମାନଙ୍କ ମନକୁ ଟଳାଇପାରେ ! ସେମାନେ ପ୍ରାୟ ୩ ସହସ୍ର ଟଙ୍କାରୁ କିଛି ଅଧିକ ଚାନ୍ଦା ଉଠାଇ ଉକ୍ତ ସଭାକୁ ପଠାଇଅଛନ୍ତି । ସେହି ଅଞ୍ଚଳୀୟ ମୟୁରଭଞ୍ଜ ରାଜାଙ୍କୁ ମଧ୍ୟ ଧନ୍ୟବାଦ ଦେଉଅଛୁଁ । ସେ ୫୦୦୦ ଟଙ୍କା ଚାନ୍ଦା ଦେଇ ଅଛନ୍ତି । ପୁରୀବାସିଙ୍କୁ ବିଶେଷ କୁହା ଯାଇ ନ ପାରେ ଉକ୍ତ ଜିଲ୍ଲାର ଏକ ଅଂଶରେ ଦୁର୍ଭିକ୍ଷ ପଡ଼ିଥିବାରୁ ସେଥିପାଇଁ ସେମାନେ ଚାନ୍ଦା ଦେଇ ଅଛନ୍ତି । ତଥାପି ସେମାନଙ୍କର ମାନ୍ଦ୍ରାଜର କଥା କିଛି ହେଲେ ମନେ କରିବାର ଉଚିତ ଥିଲା, କିନ୍ତୁ କଟକଜିଲ୍ଲାର ଲୋକେ କେମନ୍ତ ଦୟାର ଅବତାର ! ଆହା ପରଦୁଃଖରେ କେମନ୍ତ ସେମାନେ ଦୁଃଖୀ । ଶୁଣିଲୁଁ ଗତ ତା ୨୪ ରିଖରେ କମିଶନରି କଚେରୀଠାରେ ମାନ୍ଦ୍ରାଜ ଦୁର୍ଭିକ୍ଷପାଇଁ ଚାନ୍ଦା ଉଠାଇବା ସକାଶେ ଯେଉଁ ସଭା ହୋଇଥିଲା ସେଥିରେ ଅତି ଅଳ୍ପ ଲୋକେ ଉପସ୍ଥିତ ଥିଲେ । ସମସ୍ତ ଜମିଦାର ଓ ଭଦ୍ରଲୋକମାନେ ଆସିଲେ ନାହିଁ, କି ଯାହାର ଯେମନ୍ତ ଦେବାର ପ୍ରକାଶ କରି ଲେଖି ପଠାଇଲେ ନାହିଁ । ଏତେବେଳେ ସୁଦ୍ଧା ମାନ୍ଦ୍ରାଜ ପାଇଁ ଆହୁରି ଅଧିକ ଟଙ୍କା ଆବଶ୍ୟକ, ଅନାଥ ବାଳକ ବାଳିକାଙ୍କ ପାଇଁ ଦୁର୍ଭିକ୍ଷ ଉତ୍ତାରୁ ସୁଦ୍ଧା ଟଙ୍କାର ଆବଶ୍ୟକ ହେବ ।

ଆଗାମୀ ତା ୪ ରିଖ ଡିସେମ୍ବର ମଙ୍ଗଳବାର ଦିନ ଟ୍ରିଣ୍ଟିଂକ୍ଲୁମ୍ୟାନଙ୍କ ହଲରେ ପୁଣି ଉକ୍ତ ସଭାର ବୈଠକ ହେବ । ଏଥର ଯେମନ୍ତ କେହି ଘରେ ନିଶ୍ଚିନ୍ତ ହୋଇ ନ ରହନ୍ତି । ଥାଉ ଦୟା ମାନ୍ଦ୍ରାଜଙ୍କୁ ଦେଖାଇବାର ତେଣିକି ଥାଉ ମାନ୍ଦ୍ରାଜବାସିଙ୍କଠାରେ ଯେଉଁ ଋଣରେ ଆବଦ୍ଧ ତାହା ଯଥାସାଧ୍ୟ ପରିଶୋଧ କରିବାକୁ ଯେମନ୍ତ ତ୍ରୁଟି ନ କରନ୍ତି । ଇତିମଧ୍ୟରେ ଶୁଣିଲୁଁ କେନ୍ଦ୍ରାପଡ଼ାରେ ଟ ୧୫୦୦ ଙ୍କା ସଂଗ୍ରହ ହୋଇଅଛି । କଟକରେ ଅନ୍ତତଃ ଦଶସହସ୍ର ଟଙ୍କାରୁ ଅଧିକ ଉଠିବାର ଆବଶ୍ୟକ ! ଏଥିକୁ ବିଚାର କରି ଏଠାର ସମସ୍ତ ରାଜା, ଜମିଦାର, ମହାଜନ, ଭଦ୍ରଲୋକ ପ୍ରଭୃତି କେହି ଯେମନ୍ତ ଭୁଲି ହୋଇ ନ ରହି ଯଥା ଇଚ୍ଛା ଚାନ୍ଦା ପ୍ରଦାନ କରିବା ପାଇଁ ମନ କଲାନ୍ତ, ଏହିତା ଅସ୍ମମାନଙ୍କର ଅନୁରୋଧ ପ୍ରାର୍ଥନା ।

---

*ମୂଳ ପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ | ସଂ ୪୮ ସଂଖ୍ୟା

ତା ୮ ରିଖ ମାହେ ଡିସେମ୍ବର ସନ ୧୮୭୭ ମସିହା । ମୁ । ମାର୍ଗଶିର ବ ୨୫ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨୷
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭୷
ମଫସଲଙ୍କଠାଇ ଡାକମାସୁଲ ଟ ୧୷

ଟେଲିଗ୍ରାଫ୍ସ ଲେଖୁଅଛନ୍ତି କି ଷ୍ଟାମ୍ପବିକ୍ରେତାମାନେ ଷ୍ଟାମ୍ପର ମୂଲ୍ୟ ଛଡ଼ା ଆଉ କୌଣସି ପ୍ରକାରରେ କିଛି ଅଧିକା ନେବେ ନାହିଁ ବୋଲି ଗୋଟିଏ କଠିନ ନିୟମ ହୋଇଅଛି । ଆମ୍ଭେମାନେ ଅନେକ ଦିନରୁ ଏପରି ଗୋଟିଏ ନିୟମର ଆବଶ୍ୟକତା ଅନୁଭବ କରୁଥିଲୁଁ । ସମ୍ପ୍ରତି ସେପରି ନିୟମ ହେବାର ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁଁ । ବିକ୍ରେତାମାନେ ଅନେକ ସ୍ଥଳରେ ନାନା କୌଶଳ କରି ମୂଲ୍ୟ ଅପେକ୍ଷା ଅଧିକ ପଇସା ନେଇ ଷ୍ଟାମ୍ପ ବିକ୍ରୟ କରନ୍ତି । ଯେଉଁ ବିକ୍ରେତା ଏପରି କରଇ ସେ କଠିନ ଦଣ୍ଡ ପାଇବାର ଉପଯୁକ୍ତ ଅଟଇ ।

---

ଏବର୍ଷ ବଙ୍ଗଳାରେ ଜ୍ୱରରୋଗ ବଡ଼ ପ୍ରବଳ ହୋଇଅଛି । କଲିକତା ନଗର ଅତ୍ୟନ୍ତ ସ୍ୱାସ୍ଥ୍ୟକର ସ୍ଥାନ ସେଠାରେ ସୁଦ୍ଧା ବହୁତ ଲୋକ ଜ୍ୱରରେ ପଡ଼ି ଅଛନ୍ତି । ହୁଗଲୀ ବର୍ଦ୍ଧମାନ ଚବିଶପରଗନାରେ କୌଣସି ଗ୍ରାମ ବାକି ନାହିଁ ସବୁଠାରେ ଜ୍ୱର । ଲୋକେ କୁଇନାଇନ କିଣି ବ୍ୟସ୍ତ ହୋଇ ଗଲେଣି ଏଥର ଗବର୍ଣ୍ଣମେଣ୍ଟ ଦାତବ୍ୟ ଚିକିତ୍ସାଳୟ ଅଧିକ ପରିମାଣରେ ନ ବସାଇଲେ ରକ୍ଷା ନାହିଁ । ଜ୍ୱର ଅଧିକ ହେବାରୁ ବଜାରରେ କୁଇନାଇନର ଦର ଅତ୍ୟନ୍ତ ଉଚ୍ଚ ହୋଇଅଛି ଏମନ୍ତ କି ଯେଉଁ ଶିଶି ପ୍ରଥମେ ୪ ।୮୷ ଟଙ୍କାରେ ବିକ୍ରୟ ହେଉଥିଲା ବର୍ତ୍ତମାନ ତାହା ୫ ।୦୮ ଟଙ୍କାରେ ବିକ୍ରୟ ହେଉଅଛି ।

---

ମାନ୍ଦ୍ରାଜର ଦୁର୍ଭିକ୍ଷ କ୍ରମଶଃ ଊଣା ପଡ଼ିବାର ସରକାରୀ ସଂବାଦରୁ ପ୍ରକାଶ ହେଉଅଛି ଓ ସାହାଯ୍ୟ ପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ବହୁତ ଊଣା ପଡ଼ିଲାଣି କିନ୍ତୁ ମହୀଶୂରର ଆଉ ସେ ଅଞ୍ଚଳରେ ବର୍ତ୍ତମାନ ଯେପରି ଅଛି ତହିଁରୁ ଦୁର୍ଭିକ୍ଷ ଊଣା ପଡ଼ିବାର କିଛି ଲକ୍ଷଣ ଜଣା ଯାଉ ନାହିଁ । ଗତ ମାସ ତା ୨୮ ରିଖର ବଜାର ଦରରୁ ଜଣାଯାଏ ଯେ ନେଲୋର ଜିଲ୍ଲାରେ ଟଙ୍କାକୁ ବାଲେଶ୍ୱରୀ ସେ ୭୷ ର କୃଷ୍ଣାରେ ସେ ୭୷ କର୍ଣ୍ଣୁଲ ଓ ବେଲାରୀରେ ସେ ୭। ମାନ୍ଦ୍ରାଜରେ ସେ ୭ ର କୋଏମବତୁରରେ ସେ ୮୷ ତିନ୍ନାବେଲିରେ ସେ ୯ ର ଓ ଦକ୍ଷିଣ କେନାରାରେ ସେ ୧୦୷ । ସେ ୧୦୷ ରୁ କୌଣସି ଠାରେ ଅଧିକ ନାହିଁ ।

---

ଏ ସପ୍ତାହରେ ଇଉରୋପର ଯୁଦ୍ଧ ସମ୍ପର୍କରେ କିଛି ପ୍ରଧାନ ସଂବାଦ ଆସି ନାହିଁ ମାତ୍ର ଯାହା ଆସିଅଛି ତାହା ରୁସିଆର ଅନୁକୂଳରେ ଅଟଇ । ରୁସିଆ କ୍ରମଶଃ ବଳବାନ୍ ହେବାର ଦେଖାଯାଏ । ଡାନ୍ୟୁବ ନଦୀରେ ଆଉ ଗୋଟାଏ ପୋଲ ନିର୍ମିତ ହୋଇଅଛି ଓ ଆହୁରି ଦୁଇ ପୋଲ ବନ୍ଧା ଯିବାର ଉଦ୍ୟମ ଲାଗିଅଛି । ଓସମାନ ପାଶା ପ୍ଲେବନାରେ ବନ୍ଦୀ ପ୍ରାୟ ରହିଅଛନ୍ତି । ଚଫକତ ପାଶା ତାହାଙ୍କ ସାହାଯ୍ୟରୁ ଅକ୍ଷମ ହୋଇଅଛନ୍ତି ଓ ସୁଲେମାନ ପାଶା ପଛକୁ ହଟି ଯାଉଅଛନ୍ତି । ରୁଷୀୟ ସେନା ଶ୍ଚଟେଦଗରେ ବଳବାନ୍ ହୋଇ ରହିଅଛନ୍ତି । ଆରମିନିଆରୁ ଗାଜି ମୁଖ୍ତାର ପାଶା ଲେଖିଅଛନ୍ତି କି ସେ ସମ୍ପ୍ରତି ସୈନ୍ୟ ସାହାଯ୍ୟ ପାଇବାରୁ ଏର୍ଜେରୋମକୁ ବଞ୍ଚାଇବାକୁ ସକ୍ଷମ ଅଛନ୍ତି ମାତ୍ର ଯୁଦ୍ଧ ହେଲେ କି ହେବ ବୋଲିଯାଇ ନ ପାରେ । ରୁଷୀୟମାନେ ବଲକାନ ପର୍ବତ ପାର ହେବାର ଉଦ୍ୟମରେ ଅଛନ୍ତି । ଫଳତଃ ତୁରସ୍କର ବଳ କ୍ରମଶଃ ହୀନ ହେବାର ଦେଖାଯାଏ ଆଉ ପୂର୍ବର ତେଜ ନାହିଁ । ଏଥର ରୁସିଆର ପାଲି ପଡ଼ିଅଛି ।

---

ପୃଥିବୀର ଭାର ଏବେ ବ୍ରହ୍ମାଙ୍କ ହାତରେ ନାହିଁ କି ? ସେକି ଇସ୍ତଫା ଦେଲେଣି ? ନୋହିଲେ ସିରସ୍ତା ଏତେ ବେସହଳ କାହିଁକି ? ଯେଉଁ ଋତୁରେ ଯାହା ହେବାର ଚିରକାଳ ଘଟୁଥିଲା ଏବର୍ଷତ ତାହା କିଛି ଘଟୁ ନାହିଁ । ସବୁ ଓଲଟ ପାଲଟ ହୋଇଅଛି ଏଥିର କଥା କିସ । ଗ୍ରୀଷ୍ମଦିନରେ ପ୍ରାୟ ଏକମାସ ବୃଷ୍ଟିବର୍ଷା ହେଲା ଖରା ଜଣାପଡ଼ିଲା ନାହିଁ ବର୍ଷା ଦିନରେ ଖରା ଏମନ୍ତ ହେଲା ଯେ ଗୃହଅତେ ମରୁଡ଼ି ପଡ଼ିଗଲା । ଶୀତକାଳ ଆରମ୍ଭ ହୁଅନ୍ତେ କେଉଁ ଦିଗରେ ବର୍ଷା ଓ ଧୋଇ ହୋଇଗଲା । ବର୍ତ୍ତମାନ ଶୀତକାଳ ପ୍ରାୟ ଦୁଇମାସ ଭୋଗ ହେଲା କିନ୍ତୁ ଶୀତସଙ୍ଗେ ଦେଖା ନାହିଁ । ଗ୍ରୀଷ୍ମରେ ଏମନ୍ତ ଗ୍ରୀଷ୍ମ ହେଉଅଛି କପାଟ ମେଲି କରି ଲୋକେ ଶୋଉଅଛନ୍ତି ଓ ପଙ୍ଖା ହାତରୁ ଛଡ଼ା ଯାଇ ନାହିଁ । ସନ୍ଧ୍ୟାବେଳେ ଦଂଶନ୍ତି କହୁଅଛି

Digitized by srujanika@gmail.com

Split by PDF Splitter



ଓ ବଙ୍ଗାଳାରେ ଲୁହୁଡ଼ ହେଉଅଛି ଠିକ ଫାଲ୍‌ଗୁନ ଚୈତ୍ର ମାସ ପରି ଋତୁର ସମସ୍ତ ଲକ୍ଷଣ ହୋଇଅଛି। ଏଥିରୁ ଯେ ଶୀତ ହେବ ଏମନ୍ତ ଆଶା ଦିଶୁ ନାହିଁ ଓ ନ ହେଲେ ମଧ୍ୟ ଏକପ୍ରକାର ଭଲ ହେବ କାରଣ ଚାଉଳ ଦୁର୍ମୂଲ୍ୟ ହେବରୁ ଲୋକେ ଖାଇବାକୁ ପାଉ ନାହାନ୍ତି ଶୀତଲୁଗା କିଣିବେ। ଶୀତ କଣ୍ଟ କେଉଁଠାରୁ ପାଇବେ? ଏହି ବର୍ଷରେ ଅବା ବିଧାତା ଶୀତକୁ ସସ୍‌ପେଣ୍ଡ କରିଅଛନ୍ତି।

---

ଓଡ଼ିଶାର ଗଡ଼ଜାତ ମଧ୍ୟରେ ମୟୂରଭଞ୍ଜ ସର୍ବାପେକ୍ଷା ବଡ଼। ଏହାର ଭୂମି ପରିମାଣ ୪୨୪୩ ବର୍ଗମାଇଲ। ଏହା ତଳେ କେଉଁଝର ଭୂମି ପରିମାଣ ୩୦୯୬ ବର୍ଗମାଇଲ ଓ ଅନ୍ୟାନ୍ୟ ଗଡ଼ଜାତମାନ କ୍ରମେ ସାନ ଅଟଇ। ମୟୂରଭଞ୍ଜ ଯେମନ୍ତ ବଡ଼ ହେବାର ବର୍ତ୍ତମାନ ମହାରାଜା ତେମନ୍ତ ଅନ୍ୟାନ୍ୟ ଗଡ଼ଜାତ ଅପେକ୍ଷା ଅନେକ ବିଷୟରେ ଶ୍ରେଷ୍ଠତ୍ୱ ଲାଭ କରିବାର ଦେଖାଯାଏ। ଏହାଙ୍କ ରାଜତ୍ୱ କାଳରେ ଯେସମସ୍ତ ହିତକାର୍ଯ୍ୟର ଅନୁଷ୍ଠାନ ହୋଇଅଛି ସେସମସ୍ତ ଯଥାସମୟରେ ଏ ପତ୍ରିକାରେ ପ୍ରକାଶିତ ହୋଇଅଛି। ଏହାଙ୍କର ଯୋଗ୍ୟତା ଓ ସତ୍କାର୍ଯ୍ୟର ଅନୁଷ୍ଠାନରେ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ଏହି ବର୍ଷ ଆରମ୍ଭରେ ଏହାଙ୍କୁ ମହାରାଜା ପଦ ଦେଲେ କିନ୍ତୁ ଦର୍ପପୂର୍ଣ୍ଣ ନ ହୋଇଣ ଉକ୍ତ ଉଚ୍ଚ ପଦର ଯୋଗ୍ୟତାର ପରିଚୟ ସ୍ୱରୂପ ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟ ସମ୍ପର୍କରେ ବିଶେଷ ବଦାନ୍ୟତା ପ୍ରକାଶ କରିଅଛନ୍ତି। ଏଠାରେ ଚେଦାସଂଗ୍ରହର କଥା ହେବା ପୂର୍ବେ ସେ ଆପଣା ଇଚ୍ଛାରେ ପାଞ୍ଚହଜାରଟଙ୍କା ଚେଦା ଦେଇ ପଠାଇଲେ। ସମ୍ପ୍ରତି କମିଶନର କାମ୍ସ ସାହେବଙ୍କ କହିବାରୁ ଜଣା ଗଲା କି ମହାରାଜା ଦୁଇ ଶତ ଅନାଥ ବାଳକ ମାନ୍ଦ୍ରାଜରୁ ଅଣାଇ ଆପଣା ରାଜ୍ୟରେ ପ୍ରତିପାଳନ କରିବା କାରଣ ଗବର୍ଣ୍ଣମେଣ୍ଟରେ ପ୍ରାର୍ଥନା କରିଅଛନ୍ତି। ଉକ୍ତ ଅନାଥ ବାଳକଙ୍କୁ ଆପଣା ଖର୍ଚ୍ଚରେ ସେ ମାନ୍ଦ୍ରାଜରୁ ଅଣାଇବେ ଓ ତାହାଙ୍କୁ ଆପଣା ରାଜ୍ୟରେ ରଖି ପ୍ରତିପାଳନ କରିବେ ଓ ଉପଯୁକ୍ତ ଶିକ୍ଷା ଦେବେ ପରିଶେଷରେ ସେମାନେ ଯୋଗ୍ୟ ହେଲେ ଆପଣା ରାଜ୍ୟ ମଧ୍ୟରେ ତାହାଙ୍କର ଏକ ପଟ୍ଟନା ବସାଇବେ। ଗଡ଼ଜାତର ଅନେକ ଭୂମି ଲୋକାଭାବରେ ବନ୍ୟପଶୁଙ୍କର ଆବାସ ହୋଇଅଛି ଓ ମହାରାଜା ଯେପରି କରିଅଛନ୍ତି ତହିଁରେ ତାହାଙ୍କର ଐହିକ ଓ ପାରତ୍ରିକ ଉଭୟ ପ୍ରକାର ଲାଭ ହେବାର ଦେଖାଯାଏ ଏବଂ ଏଥିରୁ ଜଣାଯାଏ ଯେ ସେ ଆପଣା ରାଜ୍ୟର ଉନ୍ନତି ବିଷୟରେ ସର୍ବପ୍ରକାରରେ ଚେଷ୍ଟିତ ଅଛନ୍ତି। ଆମ୍ଭେମାନେ ଆଶା କରୁଁ ଯେ ଓଡ଼ିଶାର ଅନ୍ୟାନ୍ୟ ରାଜାମାନେ ଏହି ପ୍ରକାରେ ଆପଣା ସୁଖ୍ୟାତି ପ୍ରଚାର କରିବାକୁ ଯତ୍ନବାନ୍ ହେବେ।

---

### ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟସକାଶେ କଟକରେ ଚେଦାସଂଗ୍ରହ ସଭା।

ଗତ ମଙ୍ଗଳବାର ଅପରାହ୍ଣ କାଳରେ ପୂର୍ବ ପ୍ରଚାରିତ ବିଜ୍ଞାପନ ଅନୁସାରେ ପ୍ରିଣ୍ଟିଂକମ୍ପାନିଙ୍କ ହୋମହଲରେ ଏ ସଭା ହୋଇଥିଲା। ଏଥିର ସଭାରେ ସମସ୍ତ ଶ୍ରେଣୀର ବହୁତ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ଓ ସଭାର କାର୍ଯ୍ୟ ସୁନ୍ଦର ରୂପେ ନିର୍ବାହ ହେଲା। ଠିକ ସାଢ଼େ ୪ ଘଣ୍ଟା ସମୟରେ ଶ୍ରୀଯୁକ୍ତ କମିଶନର କାମ୍ସ ସାହେବ ସଭାରେ ଉପସ୍ଥିତ ହେଲେ ଓ ସଭାପତିର ଆସନ ଗ୍ରହଣ କରି କାର୍ଯ୍ୟାରମ୍ଭ କଲେ। ସେ କ୍ଷୁଦ୍ର ବକ୍ତୃତାଦ୍ୱାରା ସଭାର ଉଦ୍ଦେଶ୍ୟ ଇଂରାଜୀଭାଷାରେ ବ୍ୟକ୍ତ କଲେ ଓ ତାହାଙ୍କର ବକ୍ତୃତାଟି ଉତ୍ତମ ହୋଇଥିଲା। ତହିଁର ସଂକ୍ଷେପ ମନ୍ତବ୍ୟ ଏହି ଯେ ବର୍ତ୍ତମାନ ଭାରତବର୍ଷର ଦକ୍ଷିଣ ପ୍ରଦେଶରେ ଯେଉଁ ଦୁର୍ଭିକ୍ଷ ପଡ଼ିଅଛି ତାହା ଏଥିପୂର୍ବ ଅନ୍ୟାନ୍ୟ ଦୁର୍ଭିକ୍ଷରୁ ଅଧିକ ଭୟଙ୍କର ଅଟଇ ଏରୂପ ହେବାର ପ୍ରକୃତ କାରଣ ସୁଦ୍ଧ ଲୋକସଂଖ୍ୟା ନୁହଇ ମାତ୍ର ବହୁ ବିସ୍ତୀର୍ଣ୍ଣଭୂମି ଦୁର୍ଭିକ୍ଷ ଅତି ବିସ୍ତୀର୍ଣ୍ଣ ଭୂମିଖଣ୍ଡରେ ପ୍ରକାଶ ହୋଇଥିବାରୁ ସାହାଯ୍ୟଦାନ ଅତ୍ୟନ୍ତ କଠିନ ଓ ବ୍ୟୟଶାଳୀ ହୋଇଅଛି। ଅଳ୍ପସ୍ଥାନରେ ଅନେକ ଲୋକଙ୍କର କଷ୍ଟ ସହଜରେ ନିବାରଣ ହୋଇପାରେ ଓ ଯେପରିମାଣରେ ଟଙ୍କା ବ୍ୟୟ ହୁଅଇ ସେପରିମାଣରେ ଲୋକଙ୍କର କଷ୍ଟ ଦୂର ହୁଅଇ କିନ୍ତୁ ବର୍ତ୍ତମାନ ମାନ୍ଦ୍ରାଜର ଦୁର୍ଭିକ୍ଷ ସ୍ୱତନ୍ତ୍ରପ୍ରକାର ଅଟଇ ଅର୍ଥାତ୍ ଦୁର୍ଭିକ୍ଷଗ୍ରସ୍ତଭୂମି ଅତ୍ୟନ୍ତ ବିସ୍ତୃତ ହେବାରୁ ବ୍ୟୟର ଅନୁପାତରେ ସାହାଯ୍ୟ ହେଉ ନାହିଁ। ଏକଟଙ୍କାରେ ଯେତେ ଲୋକର ପ୍ରାଣ ରକ୍ଷା ହୁଅନ୍ତା ପାଞ୍ଚ କି ଛଅଟଙ୍କାରେ ତାହା ହେଉଅଛି। ଏଥିର କାରଣ ଏହି ଯେ ଖାଦ୍ୟ ଦ୍ରବ୍ୟ ପଠାଇବା କାରଣ ଅନେକ ବ୍ୟୟ ପଡ଼ୁଅଛି। ଯେତେ ଚାଉଳର ପ୍ରୟୋଜନ ରେଲଗାଡ଼ି ତାହା ବୋହିଭ କରି ପାରୁ ନାହିଁ ଶଗଡ଼ ଘୋଡ଼ାଦର କଥା କଣ ପଚାରେ। ଏପ୍ରକାର ଅବସ୍ଥାରେ ଦୁର୍ଭିକ୍ଷର କବଳକବଳରୁ ଲୋକଙ୍କୁ ବଞ୍ଚାଇବା ଦୁଃସାଧ୍ୟବ୍ୟାପାର ଅଟଇ ପୂର୍ବେ କୌଣସି ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷ ସାହାଯ୍ୟରେ କୃତକାର୍ଯ୍ୟ ହୋଇ ନାହାନ୍ତି। ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟ ବୋଲିବାକୁ ହେବ ଯେ ଏପ୍ରକାର ଦୁଃସାଧ୍ୟ ଓ ଅସମ୍ଭବ କର୍ମରେ ପ୍ରବୃତ୍ତ ହୋଇ କୃତକାର୍ଯ୍ୟ ହୋଇଅଛନ୍ତି ସମ୍ପ୍ରତି ଦୁର୍ଭିକ୍ଷ ଊଣା ପଡ଼ିବାର ଆରମ୍ଭ ହେଲାଣି ଓ ଛଅ ସାତମାସ ଉତ୍ତାରୁ ରହିବ ନାହିଁ ତେତେବେଳେ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ଶେଷ ହେବ ମାତ୍ର ଲୋକଙ୍କର କଷ୍ଟ ଶେଷ ହେବ ନାହିଁ। ଅନେକ ଲୋକ ଅନାହାର ଓ ପୀଡ଼ାରେ ଏପରି ଅବସ୍ଥାକୁ ଲଭିଥିବେ ଯେ ଆଉ ପରିଶ୍ରମ କରି ପେଟ ପାଳି ପାରିବେ ନାହିଁ ଅନେକ ଅନାଥ ବାଳକ ଓ ବାଳିକା ବାହାରିବେ ଯେ ତାହାଙ୍କର ବଳ ହେବା ପର୍ଯ୍ୟନ୍ତ ସାହାଯ୍ୟଦ୍ୱାରା ପ୍ରତିପାଳିତ ହେବେ ଓ ଅନେକଲୋକଙ୍କୁ ଅନ୍ତତଃ କିଛିକାଳ ପ୍ରତିପାଳନ କରି କୃଷିକା ନିର୍ବାହର ଉପକରଣ ଦାନ କଲେ ପରିଶେଷରେ ସେମାନେ ଆପଣା ପେଟ ଆପେ ପାଳିବେ ଏସମସ୍ତ ଲୋକ ସାଧାରଣ ଦାନର ପାତ୍ର ଓ ଏହାଙ୍କ କାରଣେ ଯେତେ ଚେଦା ସଂଗ୍ରହ ହୋଇପାରିବ ସବୁ କର୍ମରେ ଆସିବ।

ସଭାପତିଙ୍କ ବକ୍ତୃତା ଉତ୍ତାରୁ ଶ୍ରୀଯୁକ୍ତ କଲେକ୍ଟର ବିଡନ ସାହେବ କହିଲେ କି ଗତ ନବମ୍ବର ମାସ ତା ୧୦ ରିଖ ପର୍ଯ୍ୟନ୍ତ ଦୁର୍ଭିକ୍ଷ ସାହାଯ୍ୟରେ ପ୍ରାୟ ୪୦ ଲକ୍ଷ ଟଙ୍କା ଫଣ୍ଡରେ ଜମା ଥିବାର ଦେଖି ଆଉ ଚେଦାର ପ୍ରୟୋଜନ ହେବ କି ନାହିଁ ଏଥିର ସବିଶେଷ ଅନୁସନ୍ଧାନ କରି ଦୁର୍ଭିକ୍ଷକମିଟିର ସେକ୍ରେଟେରିଙ୍କ ଠାରୁ ଅବଗତ ହୋଇଅଛନ୍ତି ଯେ ଏତିକି ଟଙ୍କାରେ ସାହାଯ୍ୟଦାନ ପୂର୍ଣ୍ଣ ହେବ ନାହିଁ ଓ ଆଉ ଯେତେ ଟଙ୍କା ପ୍ରାପ୍ତ ହେବ ତାହା ସବୁ ସତ୍କର୍ମରେ ଲାଗିବ ପୂର୍ବେ ଯେତେ ଖର୍ଚ୍ଚ ହେଉଥିଲା ତହିଁରୁ ପ୍ରାୟ ପ୍ରତିସପ୍ତାହରେ ଲକ୍ଷଟଙ୍କା ବ୍ୟୟ ଊଣା ପଡ଼ିଲାଣି ତଥାପି ବର୍ତ୍ତମାନ ଯେପରି ବ୍ୟୟ ହେଉଅଛି ଓ କ୍ରମଶଃ ଯେମନ୍ତ ଊଣା ହୋଇ ଆସୁଅଛି ତଦ୍ଦୃଷ୍ଟିରେ ଜଣାଯାଏ ଯେ ଉପରଲିଖିତ ଚାଳିଶ-ହଜାର ଟଙ୍କା ଆଗାମୀ ଛଅମାସ ସକାଶେ ପ୍ରଚୁର ହେବ ଓ ତହିଁପାଇଁ ଅଧିକ ଚେଦାର ପ୍ରୟୋଜନ ଅବା ହୋଇ ନ ପାରେ। ମାତ୍ର ଅକ୍ଷମଲୋକ ଅନାଥ ବାଳକ ବାଳିକା ଏବଂ ଅପର

Digitized by srujanika@gmail.com

Split by PDF Splitter



ଲୋକଙ୍କ ସାହାଯ୍ୟ ସକାଶେ ଅନେକ ଟଙ୍କାର ପ୍ରୟୋଜନ ହେବ । ତହିଁ ପାଇଁ ଫଣ୍ଡର ଟଙ୍କା ଅଣ୍ଟିବ ନାହିଁ ସୁତରାଂ ଅଧିକ ଚାନ୍ଦା ସଂଗ୍ରହ ହେବାର ଯଥେଷ୍ଟ ଆବଶ୍ୟକତା ଅଛି ।

କଲେକ୍ଟର ସାହେବ ଏହିମତ ପୋଷକତାରେ ଅନେକ ୨ ହେସାବ ଓ ଅଙ୍କ ଦେଖାଇ ଥିଲେ ଓ ଯେଉଁମାନେ ତାହାଙ୍କର ଇଂରାଜୀ ବକ୍ତୃତାକୁ ବୁଝି ପାରି ଥିଲେ ତାହାଙ୍କ ମନରେ ଅବଶ୍ୟ ଏହି କଥା ଉଦୟ ହୋଇଥିବ ଯେ ସେ ଅନର୍ଥକ ଲୋକଙ୍କୁ ଭଣ୍ଡାଇବା କିମ୍ବା ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପ୍ରତିପାଳନ କରିବା ଇଚ୍ଛାରେ ଏ ସଭା କରି ନ ଥିଲେ । ସେ ପୂର୍ବାପର ସମସ୍ତ କଥା ସାବଧାନ ପୂର୍ବକ ବିବେଚନା କରି ଚାନ୍ଦା ସଂଗ୍ରହ କରିବାର ନିତାନ୍ତ ଆବଶ୍ୟକ ଦେଖିବାରୁ ସଭା କରି ଏଠାର ସମସ୍ତ ଶ୍ରେଣୀର ଲୋକଙ୍କର ସାହାଯ୍ୟ ପ୍ରାର୍ଥନା କରିଥିଲେ ।

ଉପରଲିଖିତ ଦୁଇ ବକ୍ତୃତା ଇଂରାଜୀଭାଷାରେ ହେବାରୁ ଉକ୍ତ ଭାଷା ନ ଜାଣିବା ବ୍ୟକ୍ତିମାନଙ୍କ ବୁଝିବା କାରଣ ବାବୁ ଜଗନ୍ମୋହନ ରାୟ ତହିଁର ସାର ମର୍ମ ଉତ୍କଳଭାଷାରେ ବ୍ୟାଖ୍ୟା କଲେ ।

ଏଥିଉତ୍ତାରୁ ସଭରେ ଯାହା ନିର୍ଦ୍ଧାରଣ ହେଲା ଓ ଉପସ୍ଥିତ ବ୍ୟକ୍ତିମାନେ ଯେ ଯେତେ ଚାନ୍ଦା ଦେଲେ ତାହା ଆମ୍ଭେମାନେ ସ୍ଥାନାନ୍ତରରେ ପ୍ରକାଶ କଲୁଁ ପାଠକମାନେ ତହିଁରୁ ସବିଶେଷ ଅବଗତ ହେବେ ।

ସଭା ସ୍ଥଳରେ ଟ ୨୩୮୫ ଙ୍କା ସ୍ୱାକ୍ଷରିତ ହେଲା । ଆମ୍ଭମାନଙ୍କ ବିବେଚନାରେ ଓଡ଼ିଶାର ରାଜଧାନୀ ପକ୍ଷରେ ଏହା ସନ୍ତୋଷଜନକ ନୁହଇ । ବାଲେଶ୍ୱରର ସଭାଦିନ ଏଥିରୁ ଅଧିକ ଟଙ୍କା ଉଠିଥିଲା । ଏଠାରେ ତହିଁରୁ ଅଧିକ ହେବାର ଉଚିତ ଥିଲା । ତେବେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରେ ଜମିଦାରଙ୍କ ସଂଖ୍ୟା ଊଣା ଥିଲା ଓ ହାଜି ଅବଦୁଲ ରହମାନ ମୁସା ଏଠାର ପ୍ରଧାନ ସୌଦାଗର କଲିକତାରେ ଥିବାରୁ ତାହାଙ୍କ ଚାନ୍ଦା ଏ ସଭରେ ସ୍ୱାକ୍ଷରିତ ହୋଇ ପାରିଲା ନାହିଁ ତାହାଙ୍କଠାରୁ ଆମ୍ଭେମାନେ ଅନେକ ଆଶା କରୁଁ । ସର୍ବ ପ୍ରଥମେ ଚାନ୍ଦାବହିରେ ଚୌଧୁରୀ କାଶିନାଥ ଦାସ ସ୍ୱାକ୍ଷର କଲେ ସେ ଟ ୫୦୦ ଙ୍କା ଦେଇଅଛନ୍ତି ଏପରି ପୁରୀ ଦୁର୍ଭିକ୍ଷ ସାହାଯ୍ୟ ସକାଶେ ସେ ଟ ୨୦୦ ଙ୍କା ଦେଇଅଛନ୍ତି ଏ ଚାନ୍ଦା ପସନ୍ଦ ହୋଇଅଛି । ଅନ୍ୟାନ୍ୟ ଜମିଦାର ମହାଜନ ଓ ସରକାର କର୍ମ୍ମଚାରକମାନେ ଯେ ଯାହା ଭଲ ଭଲ ଦେଇଅଛନ୍ତି କିନ୍ତୁ ରାୟ ବାହାଦୁର ଆପଣା ପଦର ଗୌରବ ସମ୍ପୂର୍ଣ୍ଣରୂପେ ରକ୍ଷା ପାଇ ନାହାନ୍ତି କେବଳ ଟ ୨୩ ଣ ଜମିଦାର କିଛି ଅଧିକ କୃପଣତା ଦେଖାଇ ଅଛନ୍ତି ବିଶେଷରେ ଜଣେ ଜମିଦାର ଅନ୍ୟ ଏକ ଜମିଦାରର ବଦାନ୍ୟତାରେ ମୋହିତ ହୋଇଥିବା ପ୍ରତ୍ୟକ୍ଷେ ଆପଣା ବେଲରୁ ଗୋଟିଏ ମୋହର ଦାନକରି ସଭାସ୍ଥ ଲୋକଙ୍କୁ ଏକ ଚମତ୍କାର ଉଦାହରଣ ଦେଖାଇଲେ ।

ଯାହା ହେଉ ଆମ୍ଭେମାନେ ଭରସା କରୁଁ କି ଯେଉଁମାନେ କାର୍ଯ୍ୟବଶତଃ ସଭରେ ଉପସ୍ଥିତ ହୋଇ ନାହାନ୍ତି ଏବଂ ଯେଉଁମାନେ ମୋଫସଲରେ ଅଛନ୍ତି ସେମାନେ ଆପଣା ୨ ଅବସ୍ଥାନୁସାରେ ଚାନ୍ଦା ଦେବାକୁ ହେଳା କରିବେ ନାହିଁ । ଆମ୍ଭେମାନେ ପୂର୍ବେ କହିଅଛୁଁ ଓ ବର୍ତ୍ତମାନ ମଧ୍ୟ କହୁଅଛୁଁ ଯେ ଉପଯୁକ୍ତ ପରିମାଣରେ ଚାନ୍ଦା ନ ଦେଲେ ଆମ୍ଭମାନଙ୍କର ମାନ ସମ୍ଭ୍ରମ ରହିବ ନାହିଁ । ଅତଏବ ସମସ୍ତଙ୍କୁ ଏ ବିଷୟରେ ଅଗ୍ରସର ହେବାର ଉଚିତ ତାହା ହେଲେ ଅବଶ୍ୟ ଅନେକ ଟଙ୍କା ଏଠାରୁ ଉଠିବ । ଏ ଚାନ୍ଦାରେ ଟଙ୍କା ଦେବା ଭୂରି ଦାନ ନୁହଇ ଏକପ୍ରକାର ବେଭାର ସୁଝିବା ପ୍ରାୟ ଅଟଇ । ଲୋକେ ନ ଥିଲେ ବେଲେ ଋଣକରି ସୁଦ୍ଧା ବେଭାର ଫେରାନ୍ତି । ଏହି କଥାକୁ ସମସ୍ତଙ୍କର ମନରେ ରଖିବାର ଉଚିତ ।

---

# ସାପ୍ତାହିକସଂବାଦ ।

କଟକର ଜଜ ଶ୍ରୀଯୁକ୍ତ ମାକଫର୍ସନ ସାହେବ ଅତ୍ୟନ୍ତ ପୀଡ଼ିତ ହେବାରୁ ଛଅ ମାସର ଛୁଟୀ ପ୍ରାର୍ଥନା କରି ଅଛନ୍ତି । ଏହି କାରଣରୁ ଏମାସରେ ବାଲେଶ୍ୱର ଦୌରା ସ୍ଥଗିତ ହେଲା ।

କଟକର ସରବେୟରର ମୁନସି ଦାଦର ବକ୍ସ ଯାଜପୁରର ସବ୍ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇ ଅଛନ୍ତି ।

ବାବୁ ଚନ୍ଦ୍ରମାଧବ ବାନୁର୍ଯ୍ୟା କଟକର ସରବେୟର ପଦରେ ମନୋନୀତ ହୋଇ ଅଛନ୍ତି ।

ପୁଲସର ଇନ୍‌ସ୍ପେକ୍ଟର ଜେନରଲ ସାହେବ ଏଠାର ପୁଲିସମହକୁମା ତଦାରଖକରି ପୁରୀକୁ ଯାଇ ଅଛନ୍ତି ଓ ଏହିସ୍ଥାନଦେଇ କଲିକତାକୁ ଫେରିଯିବେ ଶୁଣିଲୁଁ ଯେ ସେ ପୁଲିସ ମହକୁମାର ବ୍ୟୟ ଲାଘବ ଉଦ୍ଦେଶରେ ଅନେକ କାଟକୁଟ କରିବାର ମନସ୍ଥ କରିଅଛନ୍ତି ଏଥିର ବୃତ୍ତାନ୍ତ ପରେ ଜଣାଇବୁଁ ।

ପୁରୀର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଗ୍ରିନସାହେବ ହିପୁର୍ ଜିଲ୍ଲାକୁ ବଦଳ ହୋଇ ଅଛନ୍ତି । ଏହାଙ୍କୁ କଟକରେ ଅଶିଷ୍ଟାଣ୍ଟ ହୋଇ ରହିବାକୁ ହେଲ ନାହିଁ ।

ଯାଜପୁରର ସଂବାଦଦାତା ଲେଖି ଅଛନ୍ତି କି ସେ ଅଞ୍ଚଳରେ ରବି ଫସଲ ଉତ୍ତମ ହୋଇ ଅଛି କିନ୍ତୁ ଧାନ ଚାଉଳର ଦର ଶସ୍ତା ହୋଇ ନାହିଁ । ଶୀତ ସଙ୍ଗେ ଅବଧି ଦେଖା ନାହିଁ ଓ ଓଲାଉଠା ରୋଗ ପ୍ରାୟ ସମସ୍ତ ପରଗନ୍ନାରେ ବିଦ୍ୟମାନ ଅଛି ।

ଯାଜପୁର ସହରରେ ସୁଦୃଶି ସାହୁ ନାମକ ଏକ ବ୍ୟକ୍ତି ଘରେ ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇ ଅଛି । ପୁଅର ହାତ ଗୋଡ଼ରେ ୨୫ ଅଙ୍ଗୁଳ ଓ ଝିଅର ୨୩ ଅଙ୍ଗୁଳ ହୋଇ ଅଛି

ଯାଜପୁର ଅଞ୍ଚଳର ଗ୍ରାମ୍ୟ ପାଠଶାଳାର ବାଳକ ଓ ଅବଧାନ ମାନଙ୍କର ପରୀକ୍ଷା ହୋଇ ଥିଲା । ଏ ପରୀକ୍ଷାରେ ଅନେକ ବାଳକ ସନ୍ତୋଷଜନକ ରୂପେ ଉତ୍ତୀର୍ଣ୍ଣ ହୋଇ ପୁରସ୍କାର ପାଇ ଅଛନ୍ତି ଓ ବାଳକଙ୍କଠାରୁ ଗୋଟିଏ ବାଳିକା ଅଧିକ ସନ୍ତୋଷଜନକ ପରୀକ୍ଷା ଦେଇ ପୁରସ୍କାର ପାଇ ଅଛି ।

ମୟୂରଭଞ୍ଜରୁ ଏକ ବ୍ୟକ୍ତି ଲେଖି ଅଛନ୍ତି କି ଡାକ୍ତର ବରଯୁନାଇଡୁ ଯେଉଁ ଲୋକର କୋରଣ୍ଡ କାଟି ଦେଇ ଥିଲେ ସେ ବ୍ୟକ୍ତି ଉତ୍ତମ ରୂପେ ଆରୋଗ୍ୟ ହୋଇ ଅଛି । ଏ ଲୋକ ଦେହରେ ଅସ୍ତ୍ର ଚଳଇବା ସମୟରେ ଅଟକିନସନ୍ ସାହେବ ଅନେକ ସାହାଯ୍ୟ କରି ଥିଲେ । ଏ ଲୋକର ବୟସ ବ ୪୫ ର୍ଷ ଥିଲା ।

ଡେଲ୍ଲି କଲେଜରେ ପ୍ରତିବର୍ଷ ଗୋଟିଏ ତଗମା ଦିଆଯିବା ସକାଶେ ଲର୍ଡ ନର୍ଥବ୍ରୁକ୍ ସାହେବ ଟ ୧୦୦୦ ଙ୍କାର ଗବର୍ଣ୍ଣମେଣ୍ଟ କାଗଜ ଦାନ କରିଥିଲେ । ବର୍ତ୍ତମାନ ଉକ୍ତ କଲେଜ ଉଠି ଯିବାରୁ ସେ ଟଙ୍କା ତାହାଙ୍କୁ ଫେରି ଦିଆଯିବ ବୋଲି ଗବର୍ଣ୍ଣମେଣ୍ଟ ବିବେଚନା କରି ଅଛନ୍ତି ।

ଶ୍ରୀଯୁକ୍ତ ରେବନ୍‌ସା ସାହେବ ବଙ୍ଗଳା ବ୍ୟବସ୍ଥାପକ ସଭାର ସଭ୍ୟ ପଦରେ ଇସ୍ତଫା ଦେବାରୁ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରି ଅଛନ୍ତି ଏଥର ବଳପୂର୍ବକ ଇଲକର ନେବାର ଆଇନ ବିଧିବଦ୍ଧ କରାଇବାର ଭାର କିଏ ନେବ ?

Digitized by srujanika@gmail.com

Split by PDF Splitter

208



ଡାକ୍ତର ଲେଥବ୍ରିଜ ସାହେବ ବଙ୍ଗଳାର ଜେଲ ସମୂହର ଇନସ୍ପେକ୍ଟର ଜେନରଲଙ୍କ କର୍ମରେ ଏକ୍ଟିଂ ରହି ଅଛନ୍ତି

ଦରଭଙ୍ଗା ରାଜାଙ୍କ ନଅର ଅତି ପୁରାତନ ହୋଇ ସ୍ଥାନ ସ୍ଥାନରେ ଭାଙ୍ଗି ଯାଇ ଅଛି । ସେ ନଅରକୁ ଏକା ବେଳକେ ଭାଙ୍ଗି ଦେଇ ନୂତନ ଘରମାନ ବନାଇବା ସକାଶେ ଅଠଲକ୍ଷ ଟଙ୍କା ମଞ୍ଜୁର ହୋଇ ଅଛି । କଣ୍ଟ୍ରାକ୍ଟର ମାନଙ୍କର ଗୋଟିଏ ବଡ ସୁଯୋଗ ଉପସ୍ଥିତ ହୋଇଅଛି

ଆଗାମୀ ବସନ୍ତକାଳରେ ପାରସ୍ୟର ସାହା ପୁନର୍ବାର ଇଉରୋପକୁ ଯିବାର ସ୍ଥିର କରିଅଛନ୍ତି ଓ ଏଥିର ବନ୍ଦୋବସ୍ତ ସକାଶେ ତାହାଙ୍କର ଖାସ ସେକ୍ରେଟେରୀ ଅଲ୍ଟ୍ ବରମାସ ତାଂଗ୍ଳଣ୍ଡକୁ ଯାଇଅଛନ୍ତି । ଏଥର ସାହା ଗୁପ୍ତଭାବରେ ଭ୍ରମଣ କରିବାର ଶୁଣାଯାଏ ।

ଇଂଲଣ୍ଡର ଯୁବରାଜଙ୍କର ଜୟପୁର ସନ୍ଦର୍ଶନକୁ ଚିରସ୍ମରଣୀୟ କରିବାସକାଶେ ଜୟପୁରର ମହାରାଜା ଆପଣା ଗୃହଧାମରେ ଗୋଟିଏ ସୁନ୍ଦରଅଟ୍ଟାଳିକା ନିର୍ମାଣ କରିବାରସ୍ଥିର କରିଅଛନ୍ତି । ଏଥିରେ ତିନିଲକ୍ଷ ଟଙ୍କା ବ୍ୟୟ ହେବ । ଏଅଟ୍ଟାଳିକାର ଆଦର୍ଶମାନ କାଗଜରେଲେଖି ଭାରତବର୍ଷର ବିଖ୍ୟାତ ଶିଳ୍ପକାରମାନେ ପଠାଇଅଛନ୍ତି ଓ ସେସମସ୍ତ ମହାରାଜାଙ୍କର ବିଚାରାଧୀନରେ ଅଛି ।

ଆଲୁଆରର ପୋଲିଟିକଲ ଏଜେଣ୍ଟ ଲେଖିଅଛନ୍ତି କି ମୁନସି କୁଞ୍ଜମଲ ନାମରେ ଏକବ୍ୟକ୍ତି ବର୍ତ୍ତମାନ ମହାରାଜାଙ୍କର ଶିକ୍ଷା ବିଭାଗର ପ୍ରଧାନ କର୍ମଚାରି ଅଟନ୍ତି ଓ ସେକେବଳ ଆପଣା ଗୁଣ ଦ୍ୱାରା ଏପ୍ରକାର ଉଚ୍ଚପଦ ପ୍ରାପ୍ତ ହୋଇଅଛନ୍ତି । ଏବ୍ୟକ୍ତି ଜଣେ କମାରର ପୁତ୍ର ଥିଲେ । ମହାରାଜା ଏହାଙ୍କର ବାଲ୍ୟକାଳରେ ବୁଦ୍ଧିରତୀକ୍ଷ୍ଣତା ଦେଖି ଅତ୍ୟନ୍ତ ପ୍ରୀତ ହୋଇ ଏହାଙ୍କୁ ଅଗ୍ରାକଲେଜରେ ପଢାଇଲେ । ସେଠାରେ ସେ ଜଣେ ଉତ୍ତମ ବିଦ୍ୱାନ୍ ହେଲେ ଏବଂ ଇଂରାଜୀ ଭାଷାରେ ଅତ୍ୟନ୍ତ ପାରଦର୍ଶିତା ଲାଭ କଲେ ପରଶେଷରେ ମହାରାଜାଙ୍କଠାରେ ଚାକରିକରି ଏତାଦୃଶ ଉଚ୍ଚପଦ ପାଇଲେ ।

ଇଂଲଣ୍ଡରେ ଛୁରି କଣ୍ଟା ପ୍ରଭୃତି ଲୁହାର ଅସ୍ତ୍ରମାନ ଏତେକାଳ ଉତ୍କୃଷ୍ଟ ଥିଲା । ସମ୍ପ୍ରତି ଆମେରିକାରେ ଏ ସବୁଦ୍ରବ୍ୟ ଏମନ୍ତ ଅଧିକ ଓ ଭଲ ହେଉଅଛି ଯେ ଇଂଲଣ୍ଡର ବ୍ୟବସାୟ ଊଣା ପଡିବାର ଆରମ୍ଭ ହୋଇ ଅଛି । ଭାରତବର୍ଷରେ ବର୍ମିଂହାମର ଆଦର ଶୀଘ୍ର ଊଣା ପଡିବାର ଭୟ ନାହିଁ ।

ବରୋଦାରେ ସ୍ତ୍ରୀ ଓ ବ୍ରାହ୍ମଣର ଫାଶିଦଣ୍ଡ ହେଉ ନ ଥିଲା । ସମ୍ପ୍ରତି ଉକ୍ତ ନିୟମ ରହିତ ହୋଇ ଅଛି ଏଣିକି କେହି ଅପରାଧୀ ଜାତି ବା ଲିଙ୍ଗ ହେତୁରେ ଫାଶି ଦଣ୍ଡରୁ ମୁକ୍ତ ପାଇବ ନାହିଁ । ପୁରୁଣା ହିନ୍ଦୁମାନଙ୍କୁ ଏ ନିୟମଟି କେମନ୍ତ ଜଣା ଯିବ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ମାନନୀୟେଷୁ
ସବିନୟ ନିବେଦନମିଦଂ
ମହାଶୟ !

ଆପଣଙ୍କ ସଂ ୪୬ ସଂଖ୍ୟକ ପତ୍ରିକା ପାଠ କରି ଦେଖିଲୁଁ ଯେ " ଉମାପ୍ରସାଦଙ୍କ ପଦୋନ୍ନତି ଠିକ ନ୍ୟାୟ ଦସ୍ତୁରରେ ହୋଇ ଥିବା ପକ୍ଷେ ସନ୍ଦେହ ଅଛି " ଆପଣଙ୍କ ଉକ୍ତ ବିଷୟରେ ସନ୍ଦେହ ଥିବାର କାରଣ ଲେଖି ବାଧିତ କରିବା ହେବେ ଇତି ।

କଟକ ୧।୧୨।୭୭ } ବଶମ୍ବଦ
ଶ୍ରୀ ଉମାପ୍ରସାଦ ଦେ
ଡେପୁଟୀ ଇନସ୍ପେକ୍ଟର

☞ ବାବୁ ପ୍ୟାରୀମୋହନ ସେନ ଉନ୍ନତି ପାଇବାର ପ୍ରଥମ ହକଦାର ଓ ବାବୁ ରାଧାନାଥ ରାୟ ଦ୍ୱିତୀୟ ହକଦାର ଥିଲେ ଏହି ସାଧାରଣ ମତ । ଉମାପ୍ରସାଦ ବାବୁ ଯେମନ୍ତ ସେମାନଙ୍କୁ ଡେଇଁ ପଡି ଥିଲେ ତେମନ୍ତ ତାହାଙ୍କୁ ଜଣେ ଡେଇଁ ପଡିଲ ଏଥିରେ ତାହାଙ୍କର ଆପତ୍ତି କରିବାର ବାଟ ନାହିଁ । ସମ୍ପାଦକ ।

## କାକ ।

କାକା କାକା ଶବ୍ଦେ କର୍ଣ୍ଣାଇ କାକ ।
ଦେଉଅଛୁ ଉଷାକାଳେ ତୁ ଡାକ ।
କିମଶବ୍ଦ କରେ ରୂପ କରୁଛୁ ।
ଭେଣ୍ ପକ୍ଷି ! କାକା କାକା ଡାକୁଛୁ ।
ସପ୍ତମୀ ଯାଏ କି ପଢିଛି ନାହିଁ ।
ସ୍ତ୍ରୀଲିଙ୍ଗ ପ୍ରଥମା ପଢିଛି କହ ।
ଭ୍ରାନ୍ତ ହୋଇ ପୁଣି ରହି ଯାଉଛୁ ।
ସପ୍ତମୀ ପର୍ଯ୍ୟନ୍ତ ମନେ ଭାବୁଛୁ ।
ଅଥବା ତୋ ଭାବ ଅନ୍ୟପ୍ରକାର ।
ଏହିକଥା ମନେ ମୋର ବିସ୍ତର ।
ଧର୍ମପରାୟଣ ମୁନି ଋଷିଙ୍କି ।
ସଂକ୍ଷେପେ କହିବୁ ଏକ୍ଷି କାଣୀ କି ।
ଐଶ୍ୱରିକ ଜ୍ଞାନ ଅଛି ଯା ମନେ ।
ତାହାର କା ଚିନ୍ତା ମରଣେ ରଣେ ।

ଧନ୍ୟ ପକ୍ଷି ! ତୁହି ସଂସ୍କୃତବାଣୀ ।
କାହୁଁ ଶିଖିଅଛୁ ଏପରି ପୁଣି ।
ଆର୍ଯ୍ୟଭୂମି ଏହି ଭାରତଦେଶ ।
ସଂସ୍କୃତେ ଗୌରବ ଦେଶ ବିଦେଶ ।
ଆର୍ଯ୍ୟସନ୍ତାନଙ୍କ ସନ୍ତତ ବାସ ।
କରଥିଲ୍ କିରେ ତୁହି ବାୟସ ।
ନୋହିଲେ ସଂସ୍କୃତ ବଚନ ତୋର ।
ହୁଅନ୍ତା କି କାକ ଏତେ ମଧୁର ।
ବିଦେଶୀ ସଂସ୍କୃତ ପଢୁଅଛନ୍ତି ।
କିନ୍ତୁ ସେହି ତୋର ସମ ନୁହନ୍ତି ।
ତାଙ୍କ ଉଚ୍ଚାରଣ ତୋଠାରୁ ହୀନ ।
ତକାର ସ୍ଥଳରେ ଟକାର ଜ୍ଞାନ ।
ଧନ୍ୟଧନ୍ୟ ପକ୍ଷି ! ତୋର ଗୌରବ ।
ଧନ୍ୟ ତୋ ଜୀବନ ବିଦ୍ୟା ବିଭବ ।
ତୋକଥା ନ ବୁଝି ମନୁଷ୍ୟପ୍ରାଣୀ ।
ନିନ୍ଦା କରୁଥାନ୍ତି ଦର୍ବା ରଜନୀ ।
ଅଧୁନା ଭାରତ ସନ୍ତତିମାନେ ।
ଗର୍ବେ ଷଡ୍ବନ୍ତି ଇଂରାଜୀ ଜ୍ଞାନେ ।
ସଂସ୍କୃତ ଭାଷାକୁ ତୁଚ୍ଛ ମଣନ୍ତି ।
ଭେଣ୍ ପକ୍ଷୀ ! ତୋର ସମ ନୁହନ୍ତି ।
ଦେବଭାଷା ଜାଣି ତୁହି ସଂସ୍କୃତ ।
ତହିଁରେ ହୋଇଲୁ ଏତେ ପଣ୍ଡିତ ।
ସଂସ୍କୃତ ଭାଷାକୁ ଯେ ତୁଚ୍ଛ କଲା ।
ମତିଭ୍ରାନ୍ତ ଭୁ ତାକୁ ହୋଇଅଛି ମଲା ।

୨୬।୧୧।୭୭ କଟକ } ଶ୍ରୀ—

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

| | |
|---|---|
| ଧ୍ରୁବସ୍ତୁତି | ଟ ୦ / |
| କୋଲାହଲ ଚଉତିଶା | ଟ ୦ ।୧ |
| କୌଶଲ୍ୟାରୋଦନ ଚଉତିଶା ଓ କମଳାକାନ୍ତ ବୋଲି | ଟ ୦ ।୯ |
| ନାବକେତ | ଟ ୦ /୩ |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଶ୍ରୀ ରାଜା ବଷ୍ଟେ ତରଲା | ଅଗ୍ରିମ | ଟ ୬।୵ |
| ଶ୍ରୀ ଶ୍ରୀ ଦେବାନ ବଷ୍ଟେ ମଞ୍ଜୁଷା | " | ଟ ୬।୵ |
| ଶ୍ରୀ ପାଦ୍ରି ମିଲର ସାହେବ | ବଃକ ବଲାସ୍ପା | ଟ ୭୧ |
| ବାବୁ ହରମୋହନ ରାୟ | " " | ଟ ୧୨ |
| " ତିମକାଳୀ ସାଉକ | " " | ଟ ୩୨ |

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter



| | | |
|---|---|---|
| ବାବୁ ବିପିନବିହାରିମିଶ୍ର | ଟ | ୮୲ |
| " ଦୀନନାଥ ସରକାର | ଟ | ୮୲ |
| " କାଲୀମୋହନ ଘୋଷାଲ | ଟ | ୫୲ |
| " କହ୍ନାଇ ଚୌଧୁରୀ | ଟ | ୫୲ |
| " ଉମାଇଚରଣ ନିୟୋଗୀ | ଟ | ୫୲ |
| " ଭଗବତ ଦାସ | ଟ | ୫୲ |
| " ପହଲୀମଲ୍ଲିକ | ଟ | ୫୲ |
| " ଅବିନାଶଚନ୍ଦ୍ର ଚଟ୍ଟୋପାଧ୍ୟାୟ | ଟ | ୫୲ |
| " ଦିବାକର ଦାସ | ଟ | ୫୲ |
| " ହରେକୃଷ୍ଣ ମିଶ୍ର | ଟ | ୫୲ |
| ସେଖ ଭାଇମହମ୍ମଦ | ଟ | ୫୲ |

| | | |
|---|---|---|
| ବାବୁ ରାମପ୍ରସାଦ ସିଂହ | ଟ | ୪୲ |
| " ସୁଦର୍ଶନ ଦାସ | ଟ | ୪୲ |
| " ଜଗନ୍ମୋହନ ଲାଲ | ଟ | ୩୲ |
| " ଜଗବନ୍ଧୁ ଘୋଷ | ଟ | ୩୲ |
| " ଗଣେଶପ୍ରସାଦ ସିଂହ | ଟ | ୩୲ |
| " କେଶବାନନ୍ଦ ମହାପାତ୍ର | ଟ | ୩୲ |
| " ବ୍ରଜକିଶୋର ଘୋଷ | ଟ | ୨୲ |
| " ଈଶ୍ୱରନାରାୟଣ ପାଲ | ଟ | ୨୲ |
| ଓଁ | | |
| | ଟ | ୨୩୮୫୲ |

(ଅନ୍ୟଦଳ ସ୍ୱାକ୍ଷରିତ ।)

| | | |
|---|---|---|
| ବାବୁ ବରଦାକାନ୍ତ ମଜୁମଦାର | ଟ | ୧୬୲ |
| " ରଘୁନାଥ ବୋଷ | ଟ | ୫୲ |
| ମୁନସୀ ଅଜ୍ଜଲ ଖାଁ | ଟ | ୫୲ |
| ବାବୁ ମଧୁସୂଦନ ମିଶ୍ର | ଟ | ୨୲ |
| " ହରମୋହନ ଦତ୍ତ | ଟ | ୨୲ |
| " ମହୀନ୍ଦ୍ରକୃଷ୍ଣ ଘୋଷ | ଟ | ୨୲ |
| ଓଁ | | |
| | ଟ | ୩୨୲ |
| ସର୍ବମୋଟ | ଟ | ୨୪୧୭୲ |

☞ ମୂଳ ପତ୍ର ଦେଖ ।

Digitized by srujanika@gmail.com

### ମାନ୍ଦ୍ରାଜଦୁର୍ଭିକ୍ଷ ସାହାଯ୍ୟ ସକାଶେ ଏ ନଗରରେ ହୋଇଥିବା ସଭାର ବିବରଣ ।

ଏ ସଭା କଟକପ୍ରିଣ୍ଟିଂକମ୍ପାନିଙ୍କ ହୋମଘଲ୍ଲ ରେ ହୋଇଥିଲା ଓ ସଭାରେ ଅନେକ ଇଂରାଜ ଓ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ ।

ଶ୍ରୀଯୁକ୍ତ କମିଶ୍ନର୍ ଜାମ୍ସ ସାହେବ ସଭାପତିର ଆସନ ଗ୍ରହଣ କଲେ । ସେ ଏବଂ କଲେକ୍ଟର ବିଡନ ସାହେବ ସଭାର ଉଦ୍ଦେଶ୍ୟ ଏବଂ ଚାନ୍ଦା ଦେବାର ଆବଶ୍ୟକତା ବିଷୟରେ ବକ୍ତୃତା କଲା ଉତ୍ତାରୁ (ଏଥିର ସଂକ୍ଷେପ ବିବରଣ ମୂଳପତ୍ରରେ ଲେଖାଅଛି) ବାବୁ ନନ୍ଦକିଶୋର ଦାସ ନିମ୍ନଲିଖିତ ନିର୍ଦ୍ଧାରଣ ପ୍ରସ୍ତାବ କଲେ ଯଥା ।

୧ । ଏ ସଭାର ଅଭିମତ ଏହି କି ଦକ୍ଷିଣ ପ୍ରଦେଶର ଦୁର୍ଭିକ୍ଷ ଯେସମସ୍ତ କାରଣରୁ ଅତ୍ୟନ୍ତ ପ୍ରବଳ ହୁଅନ୍ତା ସେସବୁ କ୍ରମଶଃ ଅନ୍ତର୍ଦ୍ଧାନ ହେବାର ଯଦ୍ୟପି କି ମାନ୍ଦ୍ରାଜରୁ ସମ୍ବାଦ ଆସିଅଛି ତଥାଚ ଉକ୍ତ ସମ୍ବାଦରୁ ଜଣାଯାଏ ଯେ ଏ ମହାଦୁର୍ଭିକ୍ଷ ହେତୁରୁ ଭାରି ଦୁଃଖ ସେଠାରେ ପଡ଼ୁଅଛି ଏବଂ ସେ ଦୁଃଖ ନିବାରଣ ପକ୍ଷରେ ଓଡ଼ିଶାବାସିଙ୍କୁ ଯୋଗ ଦେବାର ଉଚିତ ସେମାନେ ସନ ୧୮୬୬ । ୬୭ ସାଲରେ ଏପ୍ରଦେଶ ଯେଉଁ ସାହାଯ୍ୟପାଇ ଥିଲେ ତହିଁପାଇଁ ଅବଧି କୃତଜ୍ଞ ରହିଅଛନ୍ତି ।

ବାବୁ ଗୌରୀଶଙ୍କର ରାୟ ଏ ପ୍ରସ୍ତାବକୁ ସମର୍ଥନ କଲେ ଓ ତାହା ଏକବାକ୍ୟରେ ଧାର୍ଯ୍ୟ ହେଲା ।

ଶ୍ରୀଯୁକ୍ତ ବିଡନ ସାହେବ ନିମ୍ନଲିଖିତ ନିର୍ଦ୍ଧାରଣ ପ୍ରସ୍ତାବ କଲେ ବାବୁ ବୈଦ୍ୟନାଥ ପଣ୍ଡିତ ରାୟବାହାଦୁର ତାହା ସମର୍ଥନ କଲେ ଯଥା—

୨ । କଟକଜିଲାରେ ଚାନ୍ଦା ସଂଗ୍ରହ କରିବା କାରଣ ଗୋଟିଏ କାର୍ଯ୍ୟ ଚଳାଇବାର ସଭା ହେଉ ଓ ନିମ୍ନଲିଖିତ ଭଦ୍ରଲୋକମାନେ ତହିଁର ସଭ୍ୟ ହେଉନ୍ତୁ ଯଥା—

ଶ୍ରୀଯୁକ୍ତ ଟୀ, ଇ ରେବନ୍‌ସା ସାହେବ
„ ଯେ, ଜାମ୍‌ସ
„ ଡବଲିଉ ମାକଫାର୍ଶନ
„ ପାଦ୍ରୀ ଯେ, ବକଲୀ
„ ଫାଦର ରସା
„ କହ୍ନାଇଲାଲ ପଣ୍ଡିତ
„ ବାବୁ ଜଗନ୍ମୋହନ ରାୟ
( ଅବୈତନିକ ସେକ୍ରେଟେରୀ )
„ ଓ୍ୟାକର ସାହେବ
„ ବାବୁ ବୈଦ୍ୟନାଥପଣ୍ଡିତ ରାୟବାହାଦୁର
„ ବାବୁ ହରବଲ୍ଲଭ ଘୋଷ
„ ବାବୁ ଗୌରୀଶଙ୍କର ରାୟ
„ ଚୌଧୁରୀ କାଶିନାଥ ଦାସ
„ ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ
„ ହାଜି ଅବଦୁଲ ରହେମାନମୁସା
„ ମୁନସି ରସୁଲ ବକ୍ସ
ଶ୍ରୀଯୁକ୍ତ ଏଚ୍ ଏସ୍ ବିଡନ ସାହେବ

୩ । ଶ୍ରୀଯୁକ୍ତ ଜାମସ୍ ସାହେବ ପ୍ରସ୍ତାବ କଲେ କି ଏହି ସଭାରେ ଏକ ଚାନ୍ଦା ଫର୍ଦ ପ୍ରସ୍ତୁତ ହୋଇ ଉପସ୍ଥିତ ସଭ୍ୟମାନେ ଯେ ଯାହା ଦେବେ ଲେଖାଇ ଦିଆଯାଉ । ସେକଟେରୀ ମହାଶୟ ଏପ୍ରସ୍ତାବକୁ ସମର୍ଥନ କଲେ ଓ ତାହା ଏକବାକ୍ୟରେ ଧାର୍ଯ୍ୟ ହେଲା ।

୪ । ବାବୁ କାଳୀପଦ ବାନୂର୍ଯ୍ୟା ପ୍ରସ୍ତାବ କଲେକି କେନ୍ଦ୍ରାପଡ଼ା ନିବାସି ବାବୁ ରାମଗୋବିନ୍ଦ ଜଗଦେବ ଓ ବାବୁ ଜଗନ୍ନାଥ ଭ୍ରମର ବର ପ୍ରତ୍ୟେକ ଟ ୪୦୦୲ ଙ୍କା ଲେଖାଁଏ ଉତ୍କୃଷ୍ଟଦାନ କରି ଥିବାରୁ ତାହାଙ୍କର ବଦାନ୍ୟତାର ପ୍ରଶଂସା ଏ ସଭାରେ ଲେଖା ଯାଉ । ବାବୁ ରାଜେନ୍ଦ୍ର ମିଶ୍ର ଏ ପ୍ରସ୍ତାବକୁ ସମର୍ଥନ କଲେ ଓ ତାହା ଧାର୍ଯ୍ୟ ହେଲା ।

ଏଥି ଉତ୍ତାରୁ ସଭାପତି ମହାଶୟ ମୟୂରଭଞ୍ଜ ମହାରାଜାଙ୍କର ବଦାନ୍ୟତାର ଉଲ୍ଲେଖ କରି ସଭାକୁ ଜଣାଇଲେ ଯେ ମହାରାଜା କେତେଗୁଡିଏ ଅନାଥ ବାଳକ ମାନ୍ଦ୍ରାଜରୁ ଆଣାଇ ଆପଣା ରାଜ୍ୟରେ ବସାଇବା କାରଣ ଗବର୍ଣ୍ଣମେଣ୍ଟରେ ପ୍ରାର୍ଥନା କରି ଅଛନ୍ତି ।

ସଭାପତି ମହାଶୟ ଅନ୍ତରେ କହିଲେ କି ସେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ସ୍ୱରୂପ ଏ ସଭାର ଉଦ୍ଦେଶ୍ୟରେ ଚାନ୍ଦାଦେବା କାରଣ ଗଡ଼ଜାତର ରାଜାମାନଙ୍କୁ ପ୍ରାର୍ଥନା କରିବେ ।

ସଭାରେ ଟ ୨୩୮୫୲ ଙ୍କା ଚାନ୍ଦା ସ୍ୱାକ୍ଷରିତ ହେଲା ଓ କମିଟିର ପ୍ରତ୍ୟେକ ସଭ୍ୟ ଆପଣା ସାଧ୍ୟାନୁସାରେ ଚାନ୍ଦା ସଂଗ୍ରହ କରି ସେକ୍ରେଟରଙ୍କ ନିକଟକୁ ପଠାଇବାର ଭାର ଗ୍ରହଣ କଲେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

### ଚାନ୍ଦାର ତପସିଲ ।

| | |
|---|---|
| ଚୌଧୁରୀ କାଶିନାଥ ଦାସ | ଟ ୫୦୦୲ |
| ବାବୁ କହ୍ନାଇଲାଲ ପଣ୍ଡିତ | ଟ ୩୦୦୲ |
| ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁର | ଟ ୨୫୦୲ |
| ଶ୍ରୀ ଓ୍ୟାକର ସାହେବ | ଟ ୧୫୦୲ |
| ଶ୍ରୀ ଶ୍ରୀ ରାଜା କଲ୍ଲି ଡୋମପଡ଼ା | ଟ ୧୦୦୲ |
| ବାବୁ ରାଧାମାଧବ ସାନ୍ଯାଲ ମହାପାତ୍ର | ଟ ୧୦୦୲ |
| ଶ୍ରୀ ମାକଫର୍ସନ ସାହେବ | ଟ ୧୦୦୲ |
| ବାବୁ ହରବଲ୍ଲଭ ଘୋଷ | ଟ ୧୦୦୲ |
| „ ମୃତ୍ୟୁଞ୍ଜୟ ବୋଷ | ଟ ୧୦୦୲ |
| ଶ୍ରୀ ଏଚ୍ ବିଡ଼ନ୍ ସାହେବ | ଟ ୮୦୲ |
| „ ଲେନ୍ ସାହେବ | ଟ ୬୪୲ |
| „ ହାଗ୍ରଲି ସାହେବ | ଟ ୫୦୲ |
| ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ | ଟ ୫୦୲ |
| „ ଜଗନ୍ମୋହନ ରାୟ | ଟ ୫୦୲ |
| „ ନନ୍ଦକିଶୋର ଦାସ | ଟ ୩୦୲ |
| „ କେ କାମସ୍ମୀ | ଟ ୨୫୲ |
| „ ରାଜେନ୍ଦ୍ର ମିଶ୍ର | ଟ ୨୫୲ |
| ମୁନ୍‌ସି ସୁଲତାନ ମହମ୍ମଦ | ଟ ୨୫୲ |
| ବାବୁ ମନସାରାମ ମାରଓ୍ୟାଡ଼ୀ | ଟ ୨୫୲ |
| ଶ୍ରୀ ଡବଲିଉ ପର୍ଣ୍ଣିଂ | ଟ ୨୦୲ |
| ବାବୁ ରଙ୍ଗଲାଲ ବାନୂର୍ଯ୍ୟା | ଟ ୨୦୲ |
| ମୁନ୍‌ସି ଦାଦର ବକ୍ସ | ଟ ୨୦୲ |
| ବାବୁ ଚୁନିଲାଲ ଦାସ | ଟ ୧୬୲ |
| „ କାଳପଦ ବାନୂର୍ଯ୍ୟା | ଟ ୧୬୲ |
| ଦଳରାମପୁର ରାଜା | ଟ ୧୦୲ |
| ଫାଦର ରସା | ଟ ୧୦୲ |
| ବାବୁ କାହ୍ନୁଚରଣ ଚୌଧୁରୀ | ଟ ୧୦୲ |
| „ ଗୋପାଳପ୍ରସାଦ ମିଶ୍ର | ଟ ୧୦୲ |
| ମୁନ୍‌ସି ଗୋଲାମ ରସୁଲ | ଟ ୧୦୲ |
| ବାବୁ ଗୌରୀଶଙ୍କର ରାୟ | ଟ ୧୦୲ |
| „ ଫକୀର ବେହେରା | ଟ ୧୦୲ |
| „ ବିଜୟକୁମାର ଚକ୍ରବର୍ତ୍ତୀ | ଟ ୧୦୲ |
| „ ରାମଗତି ଗୁପ୍ତ | ଟ ୮୲ |
| „ ଯଜ୍ଞେଶ୍ୱର ଚନ୍ଦ୍ର | ଟ ୮୲ |
| „ ହରିଚରଣ ବାନୂର୍ଯ୍ୟା | ଟ ୮୲ |

Split by PDF Splitter

Digitized by srujanika@gmail.com

Split by PDF Splitter
REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭା ୧୨ଶ
ସଂ ୪୯ ସଂଖ୍ୟା

ତା ୧୫ ଋଣ ମାହେ ଡିସେମ୍ବର ସନ ୧୮୭୭ ମସିହା । ମୁ । ପୌଷ ଦ ୨ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୦
ମଫସଲପାଇଁ ଡାକମାସୁଲ ଟ୧୷


ଶ୍ରୀଯୁକ୍ତ ରେବନ୍‌ସା ସାହେବ ଗତ ସୋମବାର ବେଳ ଦୁଇପ୍ରହର ଘ ୨ ଶ୍ଵା ସମୟରେ ଏନଗରରେ ପ୍ରବେଶ ହେଲେ । ସେଦିନ ଗ୍ରହଣ ନେଇ ଭହୁଁ ଆରଦିନ ଦୁଇପ୍ରହର ପୂର୍ବ ଗ୍ରହଣ ନେଲେ । ତାହାଙ୍କୁ ଦେଖିବାପାଇଁ ଅନେକ ଲୋକ ଯାଉଅଛନ୍ତି । ସାହେବଙ୍କ ଶରୀର କଲିକତାରେ ଭଲ ଥିବାର ଦେଖାଯାଏ ।

———

ଚଳିତମାସ ତା ୨ ଋଣ ଶନିବାରଦିନ ଯୋଯ୍ଯାକିମାନଙ୍କର ପ୍ରଧାନକଲ୍ଲା ଯମ୍ମ ଇଂରାଜ ସେନାଙ୍କର ହସ୍ତଗତ ହେଲା । ଇଂରାଜ ପକ୍ଷରୁ କେବଳ ଗୃହଜଣ ସିପାହୀ ଜଖମି ହୋଇଅଛନ୍ତି ଶତ୍ରୁପକ୍ଷର ପାଞ୍ଚଜଣ ମରି ପଡିଥିଲେ ଓ ଏକଜଣର ଚିକିତ୍ସା ହାସପାତାଲରେ ହେଉଅଛି । ଏକଜଣ ଶତ୍ରୁ ଚତୁର୍ଥ ପଞ୍ଜାବ ପଲଟନର ଜଣେ ପଳାତକ ସିପାହୀର ବନ୍ଧୁକ କାଢି ନେଇଥିଲା । ସେ ବ୍ୟକ୍ତି ଏହି ଯୁଦ୍ଧରେ ମରି ପଡିଲା ଓ ସେ ବନ୍ଧୁକଟି ପୁନଃ ପ୍ରାପ୍ତ ହେଲା । ଇଂରାଜସେନା ଏଠାରୁ କଲ ମାଦ୍ରସକୁ ଅଗ୍ରସର ହୋଇଅଛନ୍ତି । ଏଥିଉତ୍ତାରୁ ସମ୍ବାଦ ଆସିଅଛି ଯେ ଯୋଯ୍ଯାକିଙ୍କ ଗୃହ୍ୟରେ ସେମାନେ ଆତ୍ମସମର୍ପଣ କରିବାଯାଏ ଇଂରାଜ ଅଧିକାର କରିବାର ବିଜ୍ଞାପନ ଦିଆଯାଇଅଛି ଓ ଶତ୍ରୁମାନେ ସନ୍ଧି କରିବା କାରଣ ବ୍ୟସ୍ତ ହେଉଅଛନ୍ତି ।

———

ଚଳିତ ମାସ ତା ୬ ଋଣରେ ଲଣ୍ଡନନଗରରୁ ତାରଡାକଯୋଗେ ସମ୍ବାଦ ଆସିଅଛି କି ମହମ୍ମଦ ପାସା ଲେଖିଅଛନ୍ତି କି ତୁରସ୍କ ସୈନ୍ୟମାନେ ଅଗ୍ରସର ହେଉଅଛନ୍ତି ଓ ରୁସିୟମାନେ ତାହାଙ୍କ ସମ୍ମୁଖରୁ ପଛଘୁଞ୍ଚା ଦେଉଅଛନ୍ତି । ସୁଲେମାନ ପାସା ତାରଯୋଗେ ସମ୍ବାଦ ଦେଇଅଛନ୍ତି କି ଇଲେନା ନଗରକୁ ସେ ଅଧିକାର କରିଅଛନ୍ତି । ଏଠା ଯୁଦ୍ଧରେ ସେ ଅନେକ ଯୁଦ୍ଧର ଉପକରଣ ଓ ଅନେକ ଗୁଡିଏ ବନ୍ଧି ହସ୍ତଗତ କରିଅଛନ୍ତି ଓ ରୁସୀୟ ସେନା ୩୦୦୦ ନଷ୍ଟ ହୋଇଅଛି ।

ଇଙ୍ଗ୍ଲଣ୍ଡର ଖେଦିବ ୬୦୦୦ ସେନା ତୁରସ୍କର ସାହାଯ୍ୟ ସକାଶେ ପଠାଇବାକୁ ସ୍ଥିର କରିଅଛନ୍ତି ।

ତା ୧୦ ଋଣର ତାରସମ୍ବାଦ ଏହି ଯେ ଏହି ମାସ ତା ୬ ଋଣ ପର୍ଯ୍ୟନ୍ତ ସର୍ବସୁଦ୍ଧା ରୁଷୀୟ ସେନା ୭୪୯୬ ଜଣ ମରିଅଛନ୍ତି । ଫଦପାସା ଏଲନାରେ ଥାଇ ଏମନ୍ତ ବନ୍ଦୋବସ୍ତ କରୁଅଛନ୍ତି କି ଯହିଁରେ ଉକ୍ତ ନଗରକୁ ପୁନର୍ବାର ରୁସିୟମାନେ ନେଇ ନପାରିବେ । ମନ୍ଦ ଋତୁ ହେତୁରୁ ବିଲ୍ଲୋକ୍ସ ଅଞ୍ଚଳରେ ଯୁଦ୍ଧ ହୋଇ ପାରୁ ନାହିଁ ।

ଲଣ୍ଡନନଗରରୁ ଆସିଥିବା ତା ୧୧ ଋଣର ତାରସମ୍ବାଦରୁ ଜଣାଗଲା ଯେ ତ ୯ ର ଋଣରେ ଘୋରଯୁଦ୍ଧ ଉତ୍ତାରୁ ପ୍ଲେବନା ରୁସିୟଙ୍କ ହସ୍ତରେ ପତିତ ହେଲା । କିଲ୍ଲାରେ ଥିବା ସମସ୍ତ ପଲଟନ ଆତ୍ମ ସମର୍ପଣ କରିଅଛନ୍ତି । ଓସ୍ମାନପାସା ଜଖମି ହୋଇ ଅଛନ୍ତି ।

ଏଥର ରୁସିୟମାନେ ଦୁଇ ଆଡରେ ଜୟଲାଭ କଲେ ତୁରସ୍କର ବଳ ଭାଙ୍ଗିଲା । ଏଉତ୍ତାରୁ ବୋଧ ହୁଅଇ ସନ୍ଧି ହେବ ଓ ମଧ୍ୟ ରୁସୀୟ ସମ୍ବାଦପତ୍ରମାନେ ଲେଖୁ ଅଛନ୍ତି କି ପ୍ଲେବନା କିଲ୍ଲା ଜୟ ହେଲା ଉତ୍ତାରୁ ସନ୍ଧି ହୋଇପାରେ ।

———

ଅମ୍ଭେମାନେ ଗତସପ୍ତାହରେ ବାବୁ ଚନ୍ଦ୍ରମାଧବ ବାନୁର୍ଯ୍ୟା କଟକର ସରବେୟର ପଦରେ ମନୋନୀତ ହେବାର ସମ୍ବାଦ ଲେଖିଥିଲୁ । ସମ୍ପ୍ରତି ଶୁଣିଲୁଁ ଯେ ଏକଟିଂ କମିଶ୍ନର ସାହେବ ଏ ବନ୍ଦୋବସ୍ତକୁ ପସନ୍ଦ କଲେ ନାହିଁ ବୋଲି ତାହା ଅନ୍ୟଥା ହେଲା । ଶ୍ରୀଯୁକ୍ତ ବୀମ୍‌ସ ସାହେବଙ୍କ ପ୍ରଧାନ ଆପତ୍ତି ଏହି ଯେ ଏବ୍ୟକ୍ତି ବଙ୍ଗାଳି ଅଟଇ ଓ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ ଏହା କେବଳ ଓଡିଆଙ୍କୁ ଦିଆଯିବ । ବୀମ୍‌ସ ସାହେବଙ୍କରତ ଏଥର ବିଚାର ନ ଥିଲା ଏବଳୁ ଏହା ବିପର ବାହାରିଲା । ପୁଣି ଚନ୍ଦ୍ରବାବୁ ଜାତିରେ ବଙ୍ଗାଳୀ ବ୍ରାହ୍ମଣ ହେଲେହେଁ ଏଠାରେ ଛଅ ପୁରୁଷ ହେଲା ରହିଲେଣି । ବଙ୍ଗଳା ସହିତ କୌଣସି ସମ୍ପର୍କ ନାହିଁ ଯେବେ ଏବ୍ୟକ୍ତି ଓଡିଆ ନୁହଇ ତେବେ ଅମ୍ଭେମାନେ ବିଚାର କରୁଁ ଯେ ଏଠାର କରଣ ଓ ବ୍ରାହ୍ମଣମାନେ ସୁଦ୍ଧା ଓଡିଆ ନୁହନ୍ତି । କେବଳ ଓଡ଼ଚାସମାନେ ପ୍ରକୃତ ଓଡିଆ ଅଟନ୍ତି ଓ ଏହିମାନଙ୍କୁ ଯେଉଁଆଣି ଏଥର

Digitized by srujanika@gmail.com

Split by PDF Splitter



ଉଚ୍ଚ୨ କର୍ମମାନ ଦିଆଯିବ କି ? ବାବୁମାନେ ତାହାକୁ କେତେବେଳେ ଓଡ଼ିଆ ଜ୍ଞାନ କରନ୍ତି କିଛି ବୁଝାଯାଏ ନାହିଁ । ସବ୍‌ଦେଇଲବାର ସେରସ୍ତାଦାର ତାହାରୁ ଓ ତ ୨୦ ଣ ଅମିନ ମେଦିନୀପୁରରୁ ଆସିଅଛନ୍ତି । ଏମାନେ ଜାତିରେ ବଙ୍ଗାଲୀ ଓଡ଼ିଆ ଆଦୌ ଜାଣନ୍ତି ନାହିଁ । ଏହାଙ୍କ ବେଳକୁ କମିଶନର ସାହେବଙ୍କର ଏ ବୁଦ୍ଧି କାହିଁକି ନ ବାହାରିଲା ।

---

ସମ୍ବାଦପତ୍ରମାନଙ୍କରେ ପାଠକଲୁଁ ଯେ ବମ୍ବେଇର ଦୁର୍ଭିକ୍ଷ ପ୍ରାୟ ଶେଷ ହେଲା ସବୁଠାରେ ଅବସ୍ଥା ଭଲ ଦେଖାଯାଏ । ଦକ୍ଷିଣ ମରହଟ୍ଟା ଦେଶରେ ଖାଦ୍ୟ ଶସ୍ୟର ଦର ବହୁତ ଊଣା ହୋଇଅଛି ଓ ଲୋକମାନେ ଇଚ୍ଛାପୂର୍ବକ ଦରିଦ୍ରାଶ୍ରମ ତ୍ୟାଗ କରି ଆପଣା୨ ଘରକୁ ଫେରି ଯାଉଅଛନ୍ତି । ମହୀଶୂରର ଅବସ୍ଥା ମଧ୍ୟ ଭଲ ହୋଇଅଛି ଓ ଦୁର୍ଭିକ୍ଷ ହ୍ରାସମୁଖକୁ ଆସିଅଛି । ଅତ୍ୟନ୍ତ ବୃଷ୍ଟି ହେତୁ ଧାନ ନଷ୍ଟ ଯିବାର ଭୟ ଥିଲା ତାହା ନିବାରଣ ହୋଇଅଛି । ଆଉ କିଛିଦିନ ସାହାଯ୍ୟ କର୍ମ ଚଳାଇ ନେଲେ ସବୁ ମଙ୍ଗଳ ହେବ ।

ମାନ୍ଦ୍ରାଜରେ କେବଳ ଗଞ୍ଜାମ ଓ ବିଶାଖାପଟନ ଜିଲାଦ୍ୱୟରେ ବୃଷ୍ଟିର ଅଭାବ ହେତୁରୁ ଅବସ୍ଥା ମନ୍ଦ ଜଣାଯାଏ ନୋହିଲେ ଆଉ ସମସ୍ତ ଦୁର୍ଭିକ୍ଷ ପୀଡ଼ିତ ସ୍ଥାନରୁ ଉତ୍ସାହଜନକ ସମ୍ବାଦ ଆସିଅଛି । ଏଣିକି ପ୍ରଚୁର ବର୍ଷା ହେବାରୁ ସକଳ ପ୍ରକାର ଶସ୍ୟ ଭଲ ହୋଇଅଛି ଅଳ୍ପଦିନରେ ସେଠାରେ ଶୁଭ ସମୟ ଉପସ୍ଥିତ ହେବାର ଲକ୍ଷଣ ଦେଖାଯାଏ ମାତ୍ର ସମ୍ପ୍ରତି ଦୁର୍ଭିକ୍ଷ ପ୍ରବଳରୂପେ ରହିଅଛି ଓ ଯେତେ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତି ସମ୍ପ୍ରତି ଚିକିତ୍ସାଳୟରେ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶର ଅବସ୍ଥା ଏମନ୍ତ ମନ୍ଦ ଯେ ବଞ୍ଚିବାର ଆଶା ନାହିଁ । ମାନ୍ଦ୍ରାଜ କମିଟୀ ଅନାଥ ପିଲାଙ୍କର ପ୍ରତିପୋଷଣ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ସହିତ ବନ୍ଦୋବସ୍ତ କରୁଅଛନ୍ତି ଓ ତାହା ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ସକାଶେ ମାସକୁ ଟ ୨୫୯ ଙ୍କା ଲେଖାଏଁ ଦିଆଯିବାର ନିୟମ କରି ଅଛନ୍ତି ଦୁର୍ଭିକ୍ଷ କମିଟିର କାର୍ଯ୍ୟ ଶୀଘ୍ର ଶେଷ ହେବାର ଉପାୟ ଦିଶୁ ନାହିଁ ।

---

ଗତ ମାସ ତା ୧୦ ରିଖରେ ଶେଷ ହେବା ସପ୍ତାହ ବାବଦ ଜଳସେଚନ କାର୍ଯ୍ୟର ବିବରଣରୁ ଜଣାଯାଏ ଯେ ଉକ୍ତ ତାରିଖ ପର୍ଯ୍ୟନ୍ତ ଖରିଫଫସଲ ସକାଶେ ମା ୬୯୬୬୪ ଣ ଜମିରେ ଜଳ ମଡ଼ାଇବାର କବୁଲିୟତ ହୋଇଅଛି । ଗତ ବର୍ଷ ଏହି ସମୟ ପର୍ଯ୍ୟନ୍ତ କେବଳ ମା ୨୬-୨୭୧ ଣର କବୁଲିୟତ ହୋଇଥିଲା ସୁତରାଂ ଏବର୍ଷ ଦ୍ୱିଗୁଣରୁ ଅଧିକ ବଢ଼ିଅଛି ଏବଂ ମାଣକୁ ଜଳକର ଟ ୧୫ ଲେଖାଏ ଟ ୮୯୩୩୧୮ ଙ୍କା ପ୍ରାପ୍ତି ହେବାର ସ୍ଥିର ହୋଇଅଛି । ଅବଶ୍ୟ ସବୁ କବୁଲିୟତ ସତ ନାହିଁ ସୁତରାଂ ଆହୁରି ଅଧିକ କର ଆଦାୟ ହେବ । କେହି୨ ପାଠକ ପଚାରିପାରନ୍ତି କି ବର୍ଷାକାଳର ଫସଲ ଉଠିବା ଉପରେ ହେଲାଣି ଅବଶ୍ୟ କବୁଲିୟତ କି ପରି ହେଉଅଛି ? ଜଳସେଚନ ମହକୁମାର କୌଶଳ ହେତୁରୁ ତାହା ହେଉଅଛି ଓ ସେ କୌଶଳରେ ସ୍ୱେଚ୍ଛାପୂର୍ବକ ଓ ବଳପୂର୍ବକ ଜଳକର ନେବାର ନିୟମଦ୍ୱୟ ଏକତ୍ରେ ମିଶି କରବୃଦ୍ଧି ପକ୍ଷରେ ସାହାଯ୍ୟ କରୁଅଛି ଯେ କବୁଲିୟତ କରିବ ତାହାକୁ ଜଳ ଦିଆଯିବ ଏହି ସ୍ୱେଚ୍ଛାପୂର୍ବକ କର ଦେବାର ସାଧାରଣଭାବ ମାତ୍ର ଏ ମହକୁମାରୁ ଆଗେ ଜଳ ଦିଆଯାଇ ପଛେ ଜମି ମାପ ହୋଇ କବୁଲିୟତ ନିଆ ଯାଉଅଛି । ମାପ ଅବଶ୍ୟ ଶେଷ ହୋଇ ନାହିଁ ସୁତରାଂ କବୁଲିୟତ ନିଆଯିବାର ଶେଷ କାହୁଁ ହେବ ? ଜନାଜାତ ମାପ କରିବା ଓ କିଏ ଜଳ ନେଇଅଛି ବା ନେଇ ନାହିଁ ତାହା ବର୍ତ୍ତମାନ ସ୍ଥିର କରିବା ସହଜ କର୍ମ ନୁହେ ସୁତରାଂ ବଳପୂର୍ବକ କର ନେବାର ନିୟମଟି କାର୍ଯ୍ୟତଃ ପ୍ରଚଳିତ ହେଉଅଛି । ଏପରି ମାପକରିବା କର୍ମଚାରୀମାନେ ସାମାନ୍ୟ ବେତନଭୋଗୀ ଓ ତାହାଙ୍କ ମାପ ଜନାଜାତ ପରୀକ୍ଷା କରି ଦେଖିବା ସକାଶେ କୌଣସି ହାକିମ ବିଶେଷରୂପେ ନିଯୁକ୍ତ ନାହିଁ । ଏ ସ୍ଥଳେ ଗୋଳମାଳ ହେବାର ଅବା ଆଶ୍ଚର୍ଯ୍ୟ କି ଅଛି । ବାସ୍ତବରେ ଜନରବ ଶୁଣାଯାଏ ଯେ କେହି ଅଧିକ ଜମିରେ ଜଳ ନେଇ ଅଳ୍ପ କର ଦେଉଅଛି ଓ କେହି ଆଦୌ ଜଳ ନ ନେଇ ସୁଦ୍ଧା କର ଦେଉଅଛି । ଫଳତଃ ଯେ ବନ୍ଦୋବସ୍ତରେ କାର୍ଯ୍ୟ ଚଳୁଅଛି ତହିଁରେ ଗବର୍ଣ୍ଣମେଣ୍ଟଙ୍କର କ୍ଷତି ଓ ମାପ କରିବା କର୍ମଚାରୀଙ୍କର ଲାଭର ବିଶେଷ ଉପାୟ ଅଛି । କଲେକ୍ଟର ସାହେବ ଯେବେ ମୋଫସଲ ଗସ୍ତ ସମୟରେ ଏ ବିଷୟ ପ୍ରତି କଠିନ ଦୃଷ୍ଟି ରଖିବେ ଓ ମାପ ଠିକ ହେଉଅଛି କି ନାହିଁ ତହିଁର ଅନୁସନ୍ଧାନ କରିବେ ତେବେ କେତେକ ଗୋଳମାଲ ବାହାରି ପାରେ ଫଳତଃ ଯେବେ ସ୍ୱେଚ୍ଛାପୂର୍ବକ କର ନେବାର ନିୟମକୁ ଗବର୍ଣ୍ଣମେଣ୍ଟ କାର୍ଯ୍ୟତଃ ପ୍ରଚଳିତ ରଖି ନ ପାରନ୍ତି ତେବେ ସେପରି ଆଇନକୁ ରହିତ କରି ସ୍ପଷ୍ଟ ଏହି ହେତୁରେ ବଳପୂର୍ବକ କର ନେବାକୁ ସ୍ଥିର କରନ୍ତୁ ନାହାନ୍ତି କାହିଁକି ? ଏକ କଥା କହି ଆଉ କଥା କହିବାର ପ୍ରୟୋଜନ କି ?

---

ଜଳସେଚନ କାର୍ଯ୍ୟ ସମ୍ପର୍କରେ ଛୋଟ ଲାଟ ସାହେବଙ୍କ ମତ ।

ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣର ଦାର୍ଜିଲିଂ ପର୍ବତରୁ କଲିକତାକୁ ଫେରିଆସିବା ସମୟରେ କେତେକ ଦିନ ଭ୍ରମଣ କରି ବେହାର ଜିଲାର ସୋନପୁର ସ୍ଥାନରେ ଗୋଟିଏ ଦରବାର କରିଥିଲେ । ସେଠାରେ ବେହାର ଅଞ୍ଚଳର ଅନେକ ରାଜା ଜମିଦାର ଓ ଅପର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ଓ ଦରବାରର ଶୃଙ୍ଖଳା ଅତ୍ୟନ୍ତ ମନୋରଞ୍ଜନ ହୋଇଥିଲା । ଯେଉଁମାନେ ଗତ ଜାନୁଏରୀମାସର ଦିଲ୍ଲୀ ମହାସଭାରେ ସମ୍ମାନ ପାଇଥିଲେ ସେମାନଙ୍କୁ ଉପାଧି ଓ ଖିଲାତ ଦେବା ଦରବାରର ମୋକ୍ଷ ଉଦ୍ଦେଶ୍ୟ ଥିଲା ସେସବୁ କାର୍ଯ୍ୟ ଶେଷ ହେଲାରୁ ମାନ୍ୟବର ଇଡେନ୍ ସାହେବ ଦରବାରରେ ଗୋଟିଏ ସୁନ୍ଦର ବକ୍ତୃତା କରିଥିଲେ । ବକ୍ତୃତାଟି ଦୀର୍ଘ ଥିବାରୁ ତହିଁର ସମସ୍ତ କଥା ଆମ୍ଭେମାନେ ସ୍ଥାନାଭାବରେ ଲେଖିବାକୁ ଅକ୍ଷମ ହେଲୁଁ କିନ୍ତୁ ଜଳସେଚନ ପ୍ରଣାଳୀ ବିଷୟରେ ସେ ଯାହା କହିଅଛନ୍ତି ତାହା ଓଡ଼ିଶାବାସିଙ୍କ ଜାଣିବାର ଅବଶ୍ୟକ ବିବେଚନା ହେବାରୁ ତାହାଙ୍କର ବକ୍ତୃତାର ସେହିଅଂଶଟି ଏଠାରେ ଉଦ୍ଧୃତ କଲୁଁ ତହିଁରୁ ପାଠକମାନେ ଜାଣି ପାରିବେ ଯେ ବଳପୂର୍ବକ ଜଳକର ନେବା ପ୍ରସ୍ତାବକୁ ଗବର୍ଣ୍ଣମେଣ୍ଟ ପରିତ୍ୟାଗ କରିବାକୁ ପ୍ରସ୍ତୁତ ନୁହନ୍ତି ବରଂ ନାଲଜଳଦ୍ୱାରା ଏବର୍ଷ ବିଶେଷ ଉପକାର ହେବାର ଦେଖି ନାଲପ୍ରତି ତାହାଙ୍କର ବିଶେଷ ଭକ୍ତି ଜାତ ହୋଇଅଛି ଓ ଯେକୌଣସିରୂପେ ହେଉ ନାଲକାର୍ଯ୍ୟକୁ ରକ୍ଷା କରିବେ ଓ ତହିଁର ବ୍ୟୟ ସକାଶେ ବଳପୂର୍ବକ ଜଳକର ଅଥବା ଅନ୍ୟ କୌଣସି ପ୍ରକାରରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବେ ।

ବକ୍ତୃତାର ସାରାଂଶ ଯଥା;—

"ଗତ ବ ୫ ର୍ଷରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଜଳାଭାବ ଜନିତ ଦୁର୍ଭିକ୍ଷର ପ୍ରକୃତ ନିବାରଣ ଉଦ୍ଦେଶ୍ୟରେ ପ୍ରାୟ କୋଡ଼ିଏ କୋଟି ଟଙ୍କା

Digitized by srujanika@gmail.com

ବ୍ୟୟ କରିଅଛନ୍ତି । ସେହି କୋଟିଏ କୋଟି ଟଙ୍କା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଯେ ବ୍ୟୟ କରିଅଛନ୍ତି, ସେ ବ୍ୟୟର ଭାର ଗବର୍ଣ୍ଣର ଜେନରଲ ବା ତାଙ୍କର କୌନ୍ସିଲଙ୍କ ଉପରେ ପଡ଼ି ନାହିଁ, ତାହା ପ୍ରଜାମାନଙ୍କ ମୁଣ୍ଡରେ ପଡ଼ିଅଛି । ଯଦି ସେହି ବ୍ୟୟ କରିବାର ଭାର ଗବର୍ଣ୍ଣମେଣ୍ଟଙ୍କୁ ଅଗତ୍ୟା ନେବାକୁ ନ ହୁଅନ୍ତା ତାହା ହେଲେ ସେମାନଙ୍କର ସେହି ପରିମାଣରେ କର ଦେବାର କମିଯାଇ ପାରିଥାନ୍ତା ।

ଏତେବେଳେ ଅନାବୃଷ୍ଟିଜନିତ ଦୁର୍ଭିକ୍ଷ ନିବାରଣର ଉପାୟ ଭୂୟୋଦର୍ଶନ ଓ ବିଜ୍ଞାନ ଦୃଷ୍ଟିଙ୍କ ଅନୁସାରେ କେବଳ ଜଳର ଆୟୋଜନ ଉପରେ ନିର୍ଭର କରୁଅଛି । ସେ ଉପାୟ ଯେ ସୌଭାଗ୍ୟକ୍ରମେ ବିହାରରେ ନାହିଁ ଏମନ୍ତ ନୁହେ ବରଂ ନଦୀ ଆକାରରେ ପ୍ରକୃତି ଏଠାରେ ଜଳର ଆୟୋଜନ ବିଲକ୍ଷଣରୂପେ ରଖିଅଛନ୍ତି କିନ୍ତୁ ସେଥିର କେବଳ ଅପବ୍ୟବହାରହିଁ ହେଉଅଛି । ଦୁଃଖର ବିଷୟ ଏହି ଯେ ଯେଉଁସବୁ ସ୍ଥାନ ଦେଇ ନଦୀସବୁ ପ୍ରବାହିତ ହେଉଅଛି ସେହିସବୁ ସ୍ଥାନ ବୃଥାରେ ଶୁଷ୍କ ହୋଇ ଯାଉଅଛି । ମେଘ ଥାଉଁ ଚାତକ ତୃଷାରେ ମରୁଅଛି ଯଦି ସେହିସବୁ ନଦୀରୁ ଖାଲ ବିସ୍ତୃତ କରି ଦିଆଯାଏ ତାହା ହେଲେ ଅନେକ ସ୍ଥାନର ଜଳର ଅଭାବ ଘୁଞ୍ଚିଯିବ । ସେହି ଉଦ୍ଦେଶରେ ବେହାରରେ ଶୋଣନଦର ଖାଲ ହେଉଅଛି । ସେହିରୂପ ଉଦ୍ଦେଶରେ ଓଡ଼ିଶାରେ ମଧ୍ୟ ଖାଲ ସବୁ ଖୋଲା ଯାଉଅଛି । କିନ୍ତୁ ଏହିସକଳ ପ୍ରକ୍ରିୟା ପ୍ରଚୁର ଅର୍ଥ ବ୍ୟୟ ଭିନ୍ନ ହୋଇ ନ ପାରେ । କୌଣସି ବ୍ୟକ୍ତି ସହଜ ଉପାୟରେ ସେହି ଅର୍ଥର ଯୋଗାଡ଼ କରିପାରେ । ବିଶେଷ ସତର୍କତା ସହକାରେ ବିବେଚନା କରି ଆମ୍ଭେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛୁଁ ଯେ ଯେତେବେଳେ ଓଡ଼ିଶା ଓ ବିହାରର ଦୁଇପୂର୍ବ ଦୁର୍ଭିକ୍ଷ ସମୟରେ ସମସ୍ତ ବଙ୍ଗଦେଶ ବ୍ୟସ୍ତ ହୋଇଥିଲା, ସେତେବେଳେ ବଙ୍ଗବାସୀ ସାଧାରଣଙ୍କର ଖାଲ ଖନନ ବ୍ୟୟର ଅଧିକାଂଶ ବହନ କରିବାର କର୍ତ୍ତବ୍ୟ; ଏବଂ ସେହି ବ୍ୟୟ ଗୋଟିଏ ବିଶେଷ କର ସ୍ଥାପନଦ୍ୱାରା ଆଦାୟ ହେବାର ଆବଶ୍ୟକ । ଅମ୍ଭ ବିଚାରରେ ଏହା ମଧ୍ୟ ଯୁକ୍ତିସିଦ୍ଧ ଏବଂ ଅମ୍ଳାନଚିତ୍ତରେ ଏବିଷୟରେ ବିବେଚନା କରି ଆପଣମାନେ ମଧ୍ୟ ଆମ୍ଭ ସଙ୍ଗରେ ଏକମତ ହେବେ କି ଯେଉଁମାନେ ସାକ୍ଷାତ୍ ସମ୍ବନ୍ଧରେ ସେହିସବୁ ଖାଲଦ୍ୱାରା ଉପକୃତ ହେବେ, ଅର୍ଥାତ୍ ଯେଉଁମାନଙ୍କର ଭୂମିରେ ସେହିସବୁ ଖାଲଜଳ ବ୍ୟବହୃତ ହେବ, ସେମାନେ ସ୍ୱତନ୍ତ୍ର ସେହିସବୁ ଖାଲର ବ୍ୟୟାଂଶ ପ୍ରଦାନ କରିବାକୁ ବାଧ୍ୟ ଅଟନ୍ତି । ତାହା ହେଲେ ସେମାନେ ସବୁବର୍ଷରେ ଉତ୍କୃଷ୍ଟରୂପ ଶସ୍ୟ ସମ୍ପତ୍ତି ଲାଭ କରିବେ; ଅନାବୃଷ୍ଟି ବର୍ଷରେ ଏକାବେଳକେ କ୍ଷତିଗ୍ରସ୍ତ ହେବେ ନାହିଁ ଯେତେବେଳେ ଆମ୍ଭେ ଏବିଷୟ ପ୍ରସ୍ତାବ କରିଥିଲୁଁ ସେତେବେଳେ ଆମ୍ଭେ କହିଥିଲୁଁ ଯେ ପ୍ରଜାମାନେ ପାଣି ଗୃହି ନାହାନ୍ତି' ସେମାନେ ଦୁର୍ଭିକ୍ଷର ଭାର କିଏ ବହନ କରିବେ, ଅଧିକନ୍ତୁ କୁହାଯାଇଥିଲା ଯେ ଶୋଣନାଳର ଜଳ ଭୂମି ପକ୍ଷରେ ଅନୁପକାରୀ । ଏହି ବିତର୍କର ଅବ୍ୟବହିତ ପରେ ସାମୟିକ ବୃଷ୍ଟିର ଅଭାବ ହେଲା; ଏବଂ ସେତେବେଳେ ଏହି ପ୍ରମାଣ ମିଳିଲା ଯେ, ଶୋଣ ନଦର ଜଳ ଫସଲ ପକ୍ଷରେ ଅନୁପକାରୀ ନୁହଇ । ପ୍ରଜାମାନେ ଜଳ ପାଇଁ ହାହାକାର କରୁଥାନ୍ତି, ଏବଂ ସେତେବେଳେ ଆମ୍ଭେମାନେ ବାଧ୍ୟ ହୋଇ ଶୋଣ ନଦର ଅସମାପ୍ତ ଖାଲ ଖୋଲି ଦେଲୁଁ । ତଦ୍ୱାରା କେତେକ ମାସରେ ୭ ଲକ୍ଷ ବିଘା ଭୂମିରେ ଜଳସେଚନ କରାଗଲା । ତାହା ନ ହେଲେ ସେହିସବୁ ଭୂମି ଏବର୍ଷ ପ୍ରାୟ ପଡ଼ିଆ ପଡ଼ିଥାନ୍ତା; କିନ୍ତୁ ଏତେବେଳେ ଦେଖ ସେହି ଗୁଡ଼ିକ ଶସ୍ୟରେ ପରିପୂର୍ଣ୍ଣ ହୋଇ ଦିଶୁଅଛି । ଏତେବେଳେ ସେହିସବୁ ଭୂମିରେ ୨୫ ଲକ୍ଷ ଟଙ୍କାର ଫସଲ ଜନ୍ମିଅଛି । ଜଳସେଚନ ନ ହେଲେ ସେ ଭୂମିରୁ ୧୫ ଲକ୍ଷ ଟଙ୍କାର ଫସଲ ମିଳନ୍ତା କି ନାହିଁ ସନ୍ଦେହ । ତାହା ହେଲେ ଜମିଦାରଙ୍କର କେତେ ରାଜସ୍ୱର କ୍ଷତି ହୁଅନ୍ତା ! ରାଜସ୍ୱ ଛଡ଼ା ଅଧିକନ୍ତୁ ସେମାନଙ୍କୁ ପ୍ରଜାମାନଙ୍କର ସାହାଯ୍ୟ ମଧ୍ୟ କରିବାକୁ ହୋଇଥାନ୍ତା । ଯେଉଁସବୁ ସ୍ଥାନରେ ଖାଲ କରିବାର କଥା ହେଉଅଛି, ସେସକଳ ସ୍ଥାନ ଦେଖି ଆମ୍ଭେ ପ୍ରତ୍ୟାବୃତ୍ତ ହେଉଅଛୁଁ । ଆମ୍ଭେ ଦେଖିଲୁଁ ଯେଉଁସକଳ ଭୂମିରେ ଖାଲ ଜଳ ବ୍ୟବହାର ହୋଇଅଛି, ସେହି ସମସ୍ତ ଭୂମିରେ ଫସଲ ଅତି ଉତ୍କୃଷ୍ଟରୂପେ ଜନ୍ମିଅଛି; ପୁଣି ସେହିସବୁ ଭୂମିର ନିକଟବର୍ତ୍ତୀ ଭୂମି ଗୁଡ଼ିକ ଯହିଁରେ ଖାଲ ଜଳ ମାଡ଼ି ନାହିଁ ସେସବୁ ଶୁଷ୍କପ୍ରାୟ ହୋଇଅଛି ଏବଂ ସେଥିରେ ଯେଉଁ ଫସଲ ଉତ୍ପନ୍ନ ହୋଇଅଛି, ସେସବୁ ଶସ୍ୟପଦବର୍ଜିତ ବୋଇଲେ ହୁଏ । ଆମ୍ଭେ ଖାଲ ଜଳ ମାଡ଼ିଥିବା ସ୍ଥାନ ଦେଇ ୭୦ ମାଇଲ ଭ୍ରମଣ କରିଅଛୁଁ, ଏବଂ ଗୋଟିଏ ଶାଖା ଦେଇ ପ୍ରତ୍ୟାବୃତ୍ତ ହୋଇଅଛୁଁ ସ୍ୱଚକ୍ଷୁରେ ନ ଦେଖିଲେ ଆମ୍ଭର ହୃଦୟଙ୍ଗମ ହୁଅନ୍ତା ନାହିଁ ଯେ ଖାଲ ଜଳଦ୍ୱାରା ପ୍ରଜାମାନେ ଏତେ ଉପକାର ପାଇଅଛନ୍ତି । ଚାଲିବାବେଳେ ଗାଁ ଲୋକଙ୍କ ମୁଖରୁ କେବଳ ଏହି ଅନୁଯୋଗ ଶୁଣିଅଛୁଁ ଯେ ସେମାନଙ୍କ ଗାଁବାଟେ ଖାଲ ଯାଇ ନାହିଁ । ଅନେକଲୋକ ଏପରି ମଧ୍ୟ କହିଅଛନ୍ତି ଯେ, ସେମାନଙ୍କର ଖାଲ ପ୍ରୟୋଜନ ଅଛି, କିନ୍ତୁ ପାଣିର ମୂଲ୍ୟ ଦେଇ ପାରିବେ ନାହିଁ ।"

ଆପଣମାନେ ବିଶ୍ୱାସ କରିବେ ଯେ, ଗବର୍ଣ୍ଣମେଣ୍ଟ ଯେସବୁ ଅନୁଷ୍ଠାନ କରନ୍ତି ସେ ସମୁଦାୟରେ ଦେଶର ହିତ ଉଦ୍ଦେଶ୍ୟ ଥାଏ । ଅନୁଷ୍ଠାନରେ ଭ୍ରମ ପ୍ରମାଦବଶତଃ ବିପରୀତ ଫଳ ଫଳି ପାରେ, ଏବଂ ତାହା ସବୁଦେଶର ଗବର୍ଣ୍ଣମେଣ୍ଟ ପକ୍ଷରେ ମଧ୍ୟ ଘଟିବାର ସମ୍ଭାବନା; କିନ୍ତୁ ମୂଲସୂତ୍ରରେ ଦେଶର ଉନ୍ନତି ଓ ପ୍ରଜାଙ୍କର ଅବସ୍ଥୋନ୍ନତି ଯେ, ସବୁ ଗବର୍ଣ୍ଣମେଣ୍ଟଙ୍କର ଲକ୍ଷ୍ୟ ସେବିଷୟରେ ସଂଶୟ ନାହିଁ ।"

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଁ ଅଛୁ ଯେ ବାଲେଶ୍ୱରରୁ ଖଣ୍ଡିଏ ନୂତନ ପୁସ୍ତକ ପାଇଅଛୁ । ଏହାର ନାମ ବ୍ୟବହାରିକ ଭୂଗୋଳ ପ୍ରଥମଭାଗ । ପ୍ରଣେତା ବାବୁ ରାଧାନାଥ ରାୟ ଓ ବାବୁ ଶିବନାରାୟଣ ନାୟକ । ପ୍ରକାଶକ ବାବୁ ଦ୍ୱାରକାନାଥ ଦେ । ପୁସ୍ତକ ଖଣ୍ଡିକ ଭୂଦେବ ବାବୁଙ୍କ ଭୂଗୋଳ ସୂତ୍ରରୁ ଅନେକ ସାର ଓ ମୂଲ୍ୟ ଏକଅଣା ମାତ୍ର ଊଣା ଅଟଇ ସେତେବେ ଭୂଗୋଳସୂତ୍ରର ଅଧିକାଂଶ ଭାରତବର୍ଷ ଓ ମଧ୍ୟପ୍ରଦେଶର ବିବରଣରେ ବାହାରି ଯାଇଅଛି ଏ ପୁସ୍ତକରେ ସେ ଅଂଶର ଊଣା ହୋଇ ଅନ୍ୟାନ୍ୟ ବିବରଣ କିଞ୍ଚିତ୍ ଅଧିକ ଅଛି ।

ଏକ ଡିକ୍ରିଜାରି ମକଦ୍ଦମାରେ ବସ୍ତୁକୁଦର କାନୁନଗୋଇ ୪ ୧୦୦୮ ଟଙ୍କା ମୁଦାଲାଠାରୁ ଉସୁଲ କରି ମୁଦେଇପକ୍ଷର ମନୁଷ୍ୟକୁ ଦେଲେ ଥିବାର ରିପୋର୍ଟ କଲା ଓ ତାହାର ରସିଦ ପଠାଇଲା ମାତ୍ର ମୁଦେଇ ଓ ତାହାର ମନୁଷ୍ୟ ଡେପୁଟୀକଲେକ୍ଟରଙ୍କ ନିକଟରେ ପ୍ରକାଶ କଲେ ଯେ ସେମାନେ ଟଙ୍କା ପାଇ ନାହାନ୍ତି । ଏଥିର ତଦନ୍ତ ହେଉଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



ମେଦନୀପୁରର ସବଡେପୁଟି କଲେକ୍ଟର ବାବୁ ରାମକୃଷ୍ଣ ଚଟ୍ଟୋପାଧ୍ୟା ଖୋରଧା ବନ୍ଦୋବସ୍ତ କର୍ମସକାଶେ ପୁରୀଜିଲ୍ଲାକୁ ବଦଳି ହୋଇ ଅଛନ୍ତି । ଏ ମହାଶୟ ମେଦନୀପୁରରେ ବନ୍ଦୋବସ୍ତ କର୍ମ କରୁ ଥିଲେ ।

ଗତନବେମ୍ବର ମାସ ତା ୧ ରଖ ପର୍ଯ୍ୟନ୍ତ କଲିକତା ଦୁର୍ଭିକ୍ଷ ଫଣ୍ଡର ମୋଟ ଟ ୧,୧୪,୩୭୦ ୯ ଙ୍କା ହୋଇଥିଲା ।

ବଙ୍ଗଳାର ଚିକିତ୍ସାଳୟ ସମୂହର ଡେପୁଟୀ ସର୍ଜନ ଜେନରଲ ବର୍ଣ୍ଣଧର ବାଟେ ଏକଗରରେ ପ୍ରବେଶ ହୋଇ ଗତ ମଙ୍ଗଳବାର ଚିକିତ୍ସାଳୟ ମାନ ତଦାରକ କରିଥିଲେ ।

ମାନ୍ଦ୍ରାଜକୁଳପୁନବୀର ଚାଉଳ ରପ୍ତାନି କ୍ରମଶଃ ବଢ଼ିବାର ଦେଖାଯାଏ । ସେଠାରେ ଅବଶ୍ୟ ଭାଉ ଉଠିଅଛି ଓ ପୂର୍ବେ ଯେତେ ଚାଉଳ ରପ୍ତାନି ହୋଇଥିଲା ତାହା ଖର୍ଚ୍ଚ ହୋଇ ଯିବାରୁ ଚାଉଳର ଲୋଡ଼ା ବଢ଼ିଅଛି । ଅବଶ୍ୟ ମାନ୍ଦ୍ରାଜର ଅଧିକାଂଶ ସ୍ଥାନରେ ବାଲେଶ୍ୱରୀ ସେ ୭।୮ ର ଚାଉଳ ଟଙ୍କାକୁ ବିକ୍ରୟ ହେଉଅଛି ।

ମାନାଜ ଏଲକା ନଗରୀରେ ଦୁଇ ରେଲଗାଡ଼ି ଧକ୍କା ଲଗିବା ମକଦ୍ଦମା ସେଠାର ଷ୍ଟେଶନ ମାଷ୍ଟର ନୂରସ୍ୱାମୀ ମା ୧୮ ସ କାରାବାସ ଦଣ୍ଡ ପାଇଅଛି ।

ପଞ୍ଜାବ ଗବର୍ଣ୍ଣମେଣ୍ଟ ପ୍ରେସର ଜଣେ କମ୍ପୋଜିଟର ଏକଜଣ ଅସିଷ୍ଟାଣ୍ଟ କମିଶନରକୁ ପ୍ରଶ୍ନକାଗଜ ଦେବା ସକାଶେ ୫୫୦୦ଙ୍କା ବନ୍ଦୋବସ୍ତ କରିଥିବା ଅପରାଧରେ ମା ୬ ସ କାରାବାସ ଦଣ୍ଡ ପାଇଅଛି ।

କୃଷ୍ଣ ନଗର କଲେଜର ଦୁଇଜଣ ଛାତ୍ର ଜଣେ ପରୀକ୍ଷକର ଚାକରକୁ ଦୁଇ ଟଙ୍କା ଘୁଷ ଯାଚି ତାହାଙ୍କର ଉତ୍ତରର କାଗଜ କୁ ବାହାରକରି ଆଣି ତହିଁ ବଦଳରେ ନୂଆ ଉତ୍ତର ଲେଖା ଦୁଇ ଖଣ୍ଡି ରଖିଦେବା ସକାଶେ କହି ଥିଲେ । ଚାକର ସେ କଥା ଆପଣା ମୁନିବକୁ କହିଦେଲା ଓ ତାହାଙ୍କ ରିପୋର୍ଟ ମତେ କଲେଜର ପ୍ରିନସିପଲ ପୁଲିସଦ୍ୱାରା ଉକ୍ତ ଛାତ୍ରଦ୍ୱୟକୁ ଧରାଇ ଆଣି ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇବାରେ ସେ ମାନଙ୍କ ପ୍ରତି ସାତଦିନ କାରାବାସ ଦଣ୍ଡ ବିଧାନ ହେଲା । ଛାତ୍ରମାନେ ଏଥର ସାବଧାନ ହେଉନ୍ତୁ ।

ଲଣ୍ଡନର ଟେଲଗ୍ରାଫ ମହଲୁମାରେ ସ୍ତ୍ରୀମାନଙ୍କୁ ନିଯୁକ୍ତ କରିବାର ନିୟମ ସଫଳ ହୋଇ ଅଛି । ପ୍ରାୟ ୧୧୦୦ ସ୍ତ୍ରୀ ବର୍ତ୍ତମାନ ଏହି କର୍ମରେ ନିଯୁକ୍ତ ଅଛନ୍ତି ଓ ଗତବର୍ଷରେ କେବଳ ଏକ ଜଣ ମାକୁଲ ହୋଇ ଅଛି ।

ମହୀଶୂରର ଜଣେ ପତ୍ର ପ୍ରେରକ ଲେଖି ଅଛନ୍ତି କି ଲୋକଙ୍କର କୁସଂସ୍କାର ପ୍ରତି ଶାସନକର୍ତ୍ତାଙ୍କର ଯଥୋଚିତ ମନୋଯୋଗ ନ ଥିବାରୁ ଦୁର୍ଭିକ୍ଷରେ ସେଠାରେ ଅନେକ ମୃତ୍ୟୁ ଘଟିଅଛି ଭଲ ଚଷାମାନେ ବରଂ ଘରେ ଶୁଖି ମରିଯିବେ ତଥାଚ ଷ୍ଟେଟଜାତଙ୍କ ସହିତ ବସି ଅନ୍ନଛତ୍ରରେ ଭାତ ଖାଇବେ ନାହିଁ କିନ୍ତୁ ଏକଥା ଶାସନକର୍ତ୍ତାମାନେ କେବେ ବୁଝି ପାରୁ ନାହାନ୍ତି ସୁତରାଂ ମୃତ୍ୟୁ ଅଧିକ ହେଲା ।

କମ୍ପେଇରେ ଲୀନ ସାହେବ ନାମକ ଏକ ବ୍ୟକ୍ତି ବ୍ୟୋମଯାନରେ ଆକାଶ ଭ୍ରମଣ କରିବାର ଅଦ୍ଭୂତକାର୍ଯ୍ୟ ଦେଖାଉ ଅଛନ୍ତି । ଏଥି ମଧ୍ୟରେ ସେ ଦୁଇ ଶନିବାର ଅପରାହ୍ନକାଲରେ ଏପରି ଭ୍ରମଣ କରିଅଛନ୍ତି । ଶେଷଥର ତାହାଙ୍କ ସଙ୍ଗେ କମ୍ପେଇର ଏକ ଇଂରାଜୀ ସଂବାଦପତ୍ରର ସମ୍ପାଦକ ଯାଇ ଥିଲେ । ଏଥର ବ୍ୟୋମଯାନ ୫ ଦଶହଜାରଫୁଟ ଉଚ୍ଚକୁ ଉଠିଥିଲା ଓ ସେଠାରୁ ନଗରର ଶୋଭା ବଡ଼ସୁନ୍ଦର ଦିଶୁ ଥିଲା ମନୁଷ୍ୟମାନେ କ୍ଷୁଦ୍ର ଆଲପିନର କ୍ଷୁଦ୍ର ମସ୍ତକ ପ୍ରାୟ ଦିଶୁଥିଲେ ଓ ବଡ ୨ ଜାହାଜମାନ ଛୋଟ ଚାରିଆଙ୍ଗୁଳ ଲମ୍ବ ପେଟ୍ଟା ପ୍ରାୟ ଦିଶୁ ଥିଲା । ବାୟୁ ବଳରେ ବ୍ୟୋମଯାନଟି ସମୁଦ୍ର ଉପରକୁ ଚାଲିତ ହୋଇ ପାଣିରେ ପଡ଼ିଲା ଓ ସେଠାରୁ ନୌକାଯୋଗେ ଆରୋହୀମାନେ କୂଳକୁ ଆସିଲେ । ଏ ଅଦ୍ଭୁତ କାଣ୍ଡ ଦେଖିବା ସକାଶେ ଅନେକଲୋକ ଏକତ୍ରିତ ହୋଇ ଥିଲେ ।

ଏକ ସଂବାଦପତ୍ରରେ ଲେଖାଅଛି କି ଗତ କେତେକ ଦିନରେ ରୁସିଆ ତୁରସ୍କ ଯୁଦ୍ଧରେ ଯେତେ ଜୟଲାଭ କରିଅଛି ତାହା କେବଳ ଇମ୍ପିରିଅଲଗାର୍ଡ ନାମକ ସେନାଙ୍କ ହେତୁରୁ ଏମାନେ ଅତ୍ୟନ୍ତ ଶିକ୍ଷିତସେନା ଓ କେବେ ବାହାରର ଯୁଦ୍ଧକୁ ଯାଇ ନଥିଲେ ଏଥର ଯୁଦ୍ଧକୁ ବାହାରି ଏକାବେଳକେ ଇଉରୋପ ଓ ଅସିଆରେ ଆପଣାର ଯୋଗ୍ୟତା ଦେଖାଇଅଛନ୍ତି ।

ଖାନ୍ଦେଶଜିଲ୍ଲାର ଏକସ୍ଥାନରେ ନବେମ୍ବର ମାସ ତା ୨୭ ରଖ ରାତ୍ରରେ ଗୋଟିଏ ଲାଲ ନକ୍ଷତ୍ର ଖସିବାର ଦେଖାଯାଇଥିଲା । ଏ ନକ୍ଷତ୍ର ପଡ଼ିଲା ବେଳେ ଦିନପରି ଆଲୁଅ ହୋଇଗଲା ଏବ ହାତେକର ଲାଞ୍ଜପରି ଏହାର କୁହୁଳି ଲାଞ୍ଜ ପ୍ରାୟ ମି ୨୦ ଲିଟ ପର୍ଯ୍ୟନ୍ତ ଆକାଶରେ ଦେଖାଯାଉଥିଲା । ନକ୍ଷତ୍ରଟି ପଡ଼ିଲାବେଳେ ବଡ଼ ଗର୍ଜ୍ଜନ ହୋଇଥିଲା ।

ଚୀନର ସମ୍ରାଟ ବାସ୍ତବରେ ଅପୂର୍ବ ଅପଣା ରାଜ୍ୟରେ ନିଷେଧକରି ଅଛନ୍ତି । ସେଠାରେ ବର୍ଷରେ ଅଧଲକ୍ଷବାକ୍ସରୁ ଅଧିକ ଅମଲ ହେଉ ଥିଲା ଏବର୍ଷ ପାଞ୍ଚହଜାର ବାକ୍ସ ହେବା କଠିନ । ସୁତରାଂ ଭାରତବର୍ଷର ଅଫିମର ମୂଲ୍ୟ ଏବର୍ଷଯାକ ଉଚ୍ଚ ରହିବ ଏଥିରୁ ଜାଣିବା ବଂଶୀମାନେ ଅନୁମାନ କରନ୍ତି କି ଏବର୍ଷ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ୯୦,୦୦୦ ବାକ୍ସ ଅଫିମ ବିକ୍ରୟ କରିବେ ଓ ତାହା ବର୍ତ୍ତମାନର ଭାଉରେ ବିକ୍ରୟ ହେଲେ ଦୁର୍ଭିକ୍ଷରେ ଯେତେ ବ୍ୟୟ ହୋଇଅଛି ସବୁ ପୂର୍ଣ୍ଣ ହୋଇ ଯିବ । ଭଲ ଏବାଟରେ ହେଲେ ଟାକ୍ସ ଦାୟରୁ କଞ୍ଚିଗଲେ ରକ୍ଷା ।

## ବିଜ୍ଞାପନ ।

ସହର କଟକ ବାଲୁବଜାରସ୍ଥ ସଙ୍ଗତ ପାଠଶାଳାରେ ଉତ୍ତମ ଶିକ୍ଷା ଦିଆଯିବାରୁ ତାହା ବର୍ତ୍ତମାନରୁ ଉଚ୍ଚତର ଇଣ୍ଟରମିଡିଏଟ ସ୍କୁଲ ରୂପେ ପରିଣତ ହୋଇ ଅଛି । ତହିଁରେ ଇଂରାଜୀ ବଙ୍ଗଳା ଓ ଓଡ଼ିଆ ଭାଷାର ଶିକ୍ଷା ଦିଆଯାଉଅଛି ଯେଉଁ ଛାତ୍ରଗଣ ସେଥିରୁ ଉତ୍ତୀର୍ଣ୍ଣ ହେବେ ସେମାନେ ସରକାରରୁ ବୃତ୍ତିପାଇ ନର୍ମାଲସ୍କୁଲ ବା ହାଇସ୍କୁଲରେ ପଢ଼ିପାରିବେ । ତହିଁରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କର ବେତନ ନିମ୍ନଲିଖିତ ରୂପ ଅଟେ ଯଥା ;—

| | |
|---|---|
| ୧ ମ ଶ୍ରେଣୀ | ଟ ୧ |
| ୨ ୟ ,, | ଟ ।୵ |
| ୩ ୟ ,, | ଟ । |
| ୪ ର୍ଥ ,, | ଟ ୵ |
| ୫ ମ ,, | ଟ / |

ଅନାଥ ବାଳକମାନଙ୍କ ଅବସ୍ଥା ଦୃଷ୍ଟିରେ ବିନା ବେତନରେ ଶିକ୍ଷା ଦିଆଯିବ ।

କଟକ ୧୩।୧୨।୬୬ } ଶ୍ରୀ ହରେକୃଷ୍ଣସା ପ୍ରଧାନ ଶିକ୍ଷକ

। ପ୍ର । ବାଣସ୍ତବାଦ । ଡା । ଦଶନାବତ । ମୌ । ଦଶନାବର ଉକବାରେ (କଟକ ଝଲକୋଣିଆ ବଶିଗୃନକଟ) ଥିବା ଖରିଦା ଜମି ମା ୬ । ୧୧ । ଓ ସେ ଜମି ଉପରେ ଥିବା ଅଠକାମରା ଓ ବରଣ୍ଡାଯୁକ୍ତ ଏକ ଉତ୍ତମ ମଜବୁତ ପକାକୋଠା ଓ କଗ ରନ୍ଧନଶାଳା, ଗୋଦାମ ଓ ଅସ୍ତବଲର ନାଳେଗର ନିଲାମ ହେବାକୁ ଅଛି, ଉକ୍ତ ଜମିରେ ନଡ଼ିଆ ଗଛ ଓ ନାନାଦ ଇଂରାଜୀ ଓ ଦେଶୀୟ ଫଳ ବୃକ୍ଷର ଏକ ସୁନ୍ଦର ବଗିଚ୍ଚ, ଫୁଲଗୋଛା ପୁଷ୍କରଣୀ ଓ ଫୁଲଗୋଛ ପକା କୂପ ଅଛି, ଜମିର ମୂଲ୍ୟ ଟ ୭୭୦ ୳ କୋଠା ବାଳେଗରର ମୂଲ୍ୟ ଟ ୨୪୨୧ ୳ ଏପରି ଦୁଇପଦର ମୋଟ ଟ ୩୨୦୦ଙ୍କା କ୍ରୟିବାରମାନେ ଚାହୁଁ ଥିଲେ ଉକ୍ତ ସ୍ୱାକ୍ଷରକାରୀ ମାଲିକଙ୍କ ନିକଟରୁ ସବିଶେଷ ବୃତ୍ତାନ୍ତ ଜ୍ଞାତ ହୋଇ ମୂଲ୍ୟର ତାରତମ୍ୟ ବନ୍ଦୋବସ୍ତ କରିପାରିବେ ।

କଟକ ବକ୍ସିବଜାର ଶ୍ରୀକ୍ଷିପ୍ରନପୁର ତା ୧୪ ରଖ ଡିସେମ୍ବର ୧୮୬୬ } C. JACHEEK

ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସ ୫୦ ଖ୍ୟା

ତା ୨୨ ରଖ ମାହେ ଡିସମ୍ବର ସନ ୧୮୭୭ ମସିହା । ମୂ । ପୌଷ ଦ ୯ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଁଇ ଡାକମାସୁଲ ଟ୧୲୵

ବଙ୍ଗଳା ଜେଲଖାନାସମୂହର ଭାର ପୂର୍ବେ ଏକ୨ ଜଣ ଡାକ୍ତର ହାତରେ ରହୁଥିଲା । ସର୍ଜ୍ଜନ କାମ୍ପଲ ସାହେବ ଜେଲର ଇନ୍‌ସ୍ପେକ୍ଟର ଜେନେରଲ ପଦରେ ଜଣେ ସିବିଲ୍‌ଯ୍ୟାନ ନିଯୁକ୍ତ କଲେ । ପୁନର୍ବାର ଶ୍ରୀଯୁକ୍ତ ମାନ୍ୟବର ଇଡନ ସାହେବ ଏପଦ ଜଣେ ଡାକ୍ତରଙ୍କୁ ଦେବାର ସ୍ଥିର କରିଅଛନ୍ତି । ବଙ୍ଗଳାର ସ୍ୱାସ୍ଥ୍ୟରକ୍ଷକ ଡାକ୍ତର ଲେଥ୍‌ବ୍ରିଜ ସାହେବ ଏପଦରେ ନିଯୁକ୍ତ ହୋଇଅଛନ୍ତି ଓ ଶୁଣାଯାଏ ଯେ ଏଣିକି ଏକବ୍ୟକ୍ତି ଦ୍ୱାରା ଜେଲଖାନା ଓ ସ୍ୱାସ୍ଥ୍ୟରକ୍ଷାର କାର୍ଯ୍ୟ ନିର୍ବାହ ହେବ ।

---

ମଗଧ୍ ଡାକଘର ନିକଟ ଟମାରଗାଛ ଦେଶହିତୈଷିଣୀ ସଭାର ସମ୍ପାଦକ ବାବୁ ଜୟନାରାୟଣ ବାନୁର୍ଯ୍ୟା ହନୁପେଟ୍ରିଅଟଙ୍କୁ ଲେଖିଅଛନ୍ତି ଯେ ସେ ଏକପ୍ରକାର ଧାନ ପାଇଅଛନ୍ତି ଯେ ଗୋଟିଏ ଧାନରୁ ଦୁଇ ତିନୋଟି ଲେଖାଏ ଚାଉଳ ବାହାରୁ ଅଛି । ଯେବେ କେହି ସେ ଧାନ ଦେଖିବାକୁ ଚାହାନ୍ତି ତେବେ ଏକଅଣାର ଡାକଟିକଟ ତାହାଙ୍କ ନିକଟକୁ ପଠାଇ ଦେଲେ ସେ ଧାନ ପଠାଇ ଦେବେ । ଅଧିକ ଷ୍ଟାମ୍ପ ପଠାଇଲେ ଚୁଣିକରି ଗୁଡିଏ ଧାନ ପଠାଇ ଦେବେ । ସେ ଗତ ଚାରି ପାଞ୍ଚବର୍ଷ ହେଲା ଏହି ଧାନର ଚାଷ କରି ଅନେକ ଗୁଡିଏ ଧାନ ସମ୍ପାଦ ଅଛନ୍ତି । ଗୋଟିଏ ଧାନରୁ ଏକରୁ ଅଧିକ ଚାଉଳ ବାହାରିବା ପୂର୍ବେ ଅସମ୍ଭବ ଥିଲା । କାଳକୁ ସବୁ ଦେଖାଯାଉଅଛି । ଏ ଧାନ ଅଧିକ ଚାଷ ହେଲେ ଚାଉଳ ବହୁ ଶସ୍ତା ହେବ କି ?

---

ଓଡ଼ିଶା ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ ଗତ ଶନିବାର ପେନସନ ସକାଶେ ଦରଖାସ୍ତ କରିଅଛନ୍ତି ଏହିମାସ ଶେଷ ହେଲେ ସେ ଆଉ କର୍ମ କରିବେ ନାହିଁ ନୋହିଲେ ପେନସନ ମଞ୍ଜୁର ଆସିବା ପର୍ଯ୍ୟନ୍ତ ରହିବେ । ତାହାଙ୍କ କର୍ମରେ କେଉଁ ଭାଗ୍ୟବାନ୍ ପୁରୁଷ ନିଯୁକ୍ତ ହେବ ଏହିକଥାର ଆନ୍ଦୋଳନ ସରକାରୀ କର୍ମଚାରୀଙ୍କ ମଧ୍ୟରେ ବର୍ତ୍ତମାନ ହେଉଅଛି । ଶୁଣାଯାଏ ଯେ ଶ୍ରୀଯୁକ୍ତ କାମ୍ପସ ସାହେବ ଏକବ୍ୟକ୍ତି ସକାଶେ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଅଛନ୍ତି ମାତ୍ର ରେବନଶା ସାହେବଙ୍କର ଚିତ୍ତରେ ତୃପ୍ତି ଜନ୍ମ ନାହିଁ ସେ ଜଣେ ଓଡ଼ିଆଙ୍କୁ ଏ କର୍ମ ଦେବାର ବାଞ୍ଛା ରଖନ୍ତି ଓଡ଼ିଆଶବ୍ଦ ସାଧାରଣ ଓଡ଼ିଶାବାସିଙ୍କୁ ବୁଝାଏ ପାଠକମାନେ ଏପରି ଅର୍ଥ କରିବେ ନାହିଁ । ଶ୍ରୀଯୁକ୍ତ ରେବନ୍‌ଶା ସାହେବଙ୍କ ମତରେ ଓଡ଼ିଶାର ଆଦିମ ନିବାସିମାନେ ପକା ଓଡ଼ିଆ ଅଟନ୍ତି ଓ ସେମାନଙ୍କ ମଧ୍ୟରୁ ଜଣକୁ ଏକର୍ମ ଦିଆଯିବ । ଆମ୍ଭମାନଙ୍କର ଇଚ୍ଛା ଥିଲା ଯେ ଏ କର୍ମର ଯୋଗ୍ୟ କେତେଜଣ ଉପଯୁକ୍ତବ୍ୟକ୍ତିଙ୍କର ନାମ ଲେଖନ୍ତୁ ମାତ୍ର ପକ୍କା ଓଡ଼ିଆ କିଏ ଭଲ କରି ଜାଣି ନ ଥିବାରୁ ତହିଁରୁ କ୍ଷାନ୍ତ ହେଲୁଁ । କିଏ ଓଡ଼ିଆଙ୍କୁ ପକ୍କା ଓଡ଼ିଆ ବୋଲାଯିବ କି ?

---

ଆମ୍ଭେମାନେ ପାରଲୁଦରୁ ସମ୍ବାଦ ପାଇଅଛୁଁ ଯେ ଏବର୍ଷ ସେଠାରେ ସନ ୧୨୭୩ ସାଲର ଦୁର୍ଭିକ୍ଷକୁ ବଳକରି ଅନ୍ନକଷ୍ଟ ପଡ଼ିଅଛି । ସେ ସମୟରେ କାହାରି ହାତରେ କିଛି କିଛି ଦ୍ରବ୍ୟ ଥିବାରୁ ଏକପ୍ରକାର ବଞ୍ଚିଗଲେ ଏଥର ଲୋକେ ନିତାନ୍ତ ନିରାଶ୍ରୟ ହୋଇଅଛନ୍ତି । ସେଠାର ପୂର୍ବରାଜା ସେସମୟରେ ଅନେକ ସାହାଯ୍ୟ କରିଥିଲେ ମାତ୍ର ବର୍ତ୍ତମାନ ରାଜାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟଇ ତଥାପି ସେ ପ୍ରକୃତ ରାଜଧର୍ମକୁ ବିସ୍ମୃତ ନ ହୋଇ ଆପଣା ପରିବାରିଙ୍କ ଖର୍ଚ୍ଚ ସକାଶେ ରଖିଥିବା ଧାନ ମଧ୍ୟରୁ ନିଜଗତିଭରଣ ପର୍ଯ୍ୟନ୍ତ ପ୍ରଜାଙ୍କୁ ଦେଉଅଛନ୍ତି । ଏଥର ଗବର୍ଣ୍ଣମେଣ୍ଟରୁ ଆଠ ଦଶହଜାର ଟଙ୍କା ଋଣ ପାଇବା କାରଣ ପୁଣି କଲେକ୍ଟରଙ୍କ ନିକଟରେ ଆବେଦନ କରିଅଛନ୍ତି । ଆମ୍ଭେମାନେ ବୋଧ କରୁଁ ଗବର୍ଣ୍ଣମେଣ୍ଟ ବିନାସୁଧରେ ଟଙ୍କା ଧାର ଦେବାଉଚିତ ବିବେଚନା କରିବେ । କାରଣ ପ୍ରଜାଙ୍କ ରକ୍ଷା କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟକର୍ମ ଅଟଇ ଯେବେ ରାଜାଙ୍କୁ ଋଣଦ୍ୱାରା ସାହାଯ୍ୟ କଲେ ଉକ୍ତ କର୍ତ୍ତବ୍ୟ ସହଜରେ ସମ୍ପନ୍ନ ହେବ ତେବେ ଏଥିରୁ ବଳକର ସୁଖରବିଷୟ କି ଅଛି ? ପାରଲୁଦର ରାଜା ଯେ ପ୍ରଜାଙ୍କ ମଙ୍ଗଳ ନିମିତ୍ତ ସ୍ୱୟଂ ଏତାଦୃଶ ଦାୟଗ୍ରସ୍ତ ହେବାକୁ ସ୍ୱୀକାର କରିଅଛନ୍ତି ବଡ଼ ପ୍ରଶଂସାର ବିଷୟ ଅଟଇ ।

---

Digitized by srujanika@gmail.com

ଗତବର୍ଷ ଏସମୟରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ଉପାଧି ଗ୍ରହଣ ଉପଲକ୍ଷରେ ସାଧାରଣ ଉତ୍ସବର ଆୟୋଜନରେ ଏଠା ଲୋକମାନେ କେମନ୍ତ ବ୍ୟସ୍ତ ଥିଲେ । ଏବର୍ଷ ସେହି ସମୟ ଉପସ୍ଥିତ ହେଲା ମାତ୍ର କିଛି ସାଡା ଶବ୍ଦ ନାହିଁ । ଅଥଚ ଉକ୍ତ ଉତ୍ସବର ଗୋଟିଏ ପ୍ରଧାନ ପ୍ରସ୍ତାବ ଅଦ୍ୟାପି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଅଛି ତହିଁର ନାମ ଗନ୍ଧ କେହି ଧରୁ ନାହାନ୍ତି । ଏଠା ଲୋକଙ୍କର ମନ କେଡେ ଅସ୍ଥିର ! ବର୍ଷ ପୂର୍ଣ୍ଣ ନ ହେଉଣୁ କଥାଟି ପାଶୋର ଗଲା । ନା ଟେଙ୍କା ଦେବାକୁ ପଡ଼ିବ ବୋଲି ଯେ ଯାହାପର ଭୁଲି ହୋଇ ବସିଅଛନ୍ତି । ଯେବେ ଯଥାର୍ଥ ପାଶୋର ଯାଇଥାଏ ତେବେ ଆମ୍ଭେମାନେ କହୁଅଛୁଁ କି ଉକ୍ତ ଉତ୍ସବକାଳକୁ ଚିରସ୍ମରଣୀୟ କରିବା କାରଣ ଯେ ଗୋଟିଏ ଅଟ୍ଟାଳିକା ନିର୍ମାଣ କରିବାର କଥା ହୋଇଥିଲା ତହିଁର କି ଆଉ କିଛି ଉଦ୍ୟୋଗ ହେବ ନାହିଁ? କେବଳ ଟେଙ୍କାଫର୍ଦ୍ଦରେ ଦସ୍ତଖତ କରିବା କି ସାର ହେଲା । ଏହିକଥାକୁ ଉଲ୍ଲେଖ କରି ସେଦିନ ସଭାରେ ଶ୍ରୀଯୁକ୍ତ ବୀମ୍ସ ସାହେବ କହିଥିଲେ କି ବଡ ଲଜ୍ଜାର ବିଷୟ ଯେ ଏଠା ଲୋକମାନେ ଟେଙ୍କା ସ୍ୱାକ୍ଷର କରନ୍ତି ମାତ୍ର ଟଙ୍କା ଦେବାକୁ ମନ କଲାନ୍ତି ନାହିଁ । ଆମ୍ଭେମାନେ ଏଠାର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କରୁଅଛୁଁ କି ଉକ୍ତ ଲଜ୍ଜାକର ଚରିତ୍ରକୁ ତ୍ୟାଗ କରି ଆଉ ଥରେ ସଭା କରି ଆପଣା ଅଙ୍ଗୀକାରକୁ ସାର୍ଥ କରନ୍ତୁ ।

———

ଷ୍ଟାମ୍ପ ଅର୍ଥାତ୍ ଷ୍ଟାମ୍ପକାଗଜ ବିକ୍ରୟ ବିଷୟରେ ବୋର୍ଡ ଗୋଟିଏ ଉତ୍ତମ ସର୍କୁଲର ଜାରି କରିଅଛନ୍ତି । ତହିଁର ମର୍ମ ଏହି-ବୋର୍ଡଙ୍କ ଗୋଚରରେ ଆସିଅଛି କି କେତେକ ସ୍ଥଳରେ କେବଳ ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କୁ ଷ୍ଟାମ୍ପ ପଟ୍ଟା ଦିଆଯାଏ ଏଥିର ତାତ୍ପର୍ଯ୍ୟ ଏହି ଯେ ଅଳ୍ପ ଲୋକଙ୍କୁ ପଟ୍ଟା ଦେଲେ ସେମାନଙ୍କର ଆୟ ଲାଭ ହେବ ଓ ନିର୍ବାହ ଚଳିବ । କିନ୍ତୁ ଏ ପ୍ରଥାରେ ଷ୍ଟାମ୍ପ ବିକ୍ରୀ ଏକଚାଟିଆ ବ୍ୟାପାର ହୋଇପଡେ ଓ ପ୍ରଧାନ ଅମଲାମାନେ ଆପଣା ଦୁଃଖୀ ଘର ବନ୍ଧୁଙ୍କ ହାତରେ ଏ କାରବାରଟି ରଖାନ୍ତି । ଏଥିରେ ଅନିଷ୍ଟ ଘଟିବାର ସମ୍ଭାବନା । କାହାର ପ୍ରତିପୋଷଣ ଷ୍ଟାମ୍ପ ପଟ୍ଟାର ଉଦ୍ଦେଶ୍ୟ ନୁହେ, ଯେଉଁମାନଙ୍କର ଅନ୍ୟ ଉପାୟ ଥିବ ତହିଁର ଅତିରିକ୍ତ ଷ୍ଟାମ୍ପ ବିକ୍ରୟ ଉପାୟଟି ସେମାନେ ଅବଲମ୍ବନ କରିବେ ବୋର୍ଡ ଏହିରୂପ ଆଜ୍ଞା କରନ୍ତି । ଦୋକାନୀ ବା ଅନ୍ୟ ବ୍ୟବସାୟୀ ଓ ଭଦ୍ରବ୍ୟକ୍ତି ଏହିପରି ଅନେକ ଲୋକଙ୍କୁ ଷ୍ଟାମ୍ପର ପଟ୍ଟା ଦେଲେ ସରକାର ଓ ସର୍ବସାଧାରଣ ଉଭୟଙ୍କର ସୁବିଧା ଓ ଲାଭ ହେବ । ଏ ସଙ୍ଗେ ବୋର୍ଡ କଲେକ୍ଟରଙ୍କ ପ୍ରତି ଆଦେଶ କରିଅଛନ୍ତି କି ସେମାନେ ବର୍ତ୍ତମାନର ଷ୍ଟାମ୍ପ ଭେଣ୍ଡରଙ୍କର ତାଲିକା ପଠାଇବେ ଓ କି ପରି ଅନେକଲୋକ ଷ୍ଟାମ୍ପ ପଟ୍ଟା ପାଇବେ ତହିଁର ରିପୋର୍ଟ କରିବେ । ଆମ୍ଭେମାନେ ଭରସା କରୁଁ ଯେ କଲେକ୍ଟରମାନେ ବୋର୍ଡଙ୍କର ଉତ୍ତମ ଉଦ୍ଦେଶ୍ୟର ଅନୁଗାମୀ ହେବେ ।

———

## ପ୍ଲେଭ୍ନେର ଯୁଦ୍ଧ ।

ଇଂଲଣ୍ଡରୁ ଆସିଥିବା ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ କାର୍ସନଗର ହସ୍ତଗତ କରିବାରେ ରୁଷୀୟମାନେ ଅସାଧାରଣ ବୀରତ୍ୱ ପ୍ରକାଶ କରିଅଛନ୍ତି । ଉକ୍ତ ସ୍ଥାନର କେଲ୍ଲାରେ ୨୦ ହଜାର ତୁରକୀ ସେନା ଥିଲେ ଓ ୧୮୦୦୦ ରୁଷୀୟସେନା ତାହାଙ୍କୁ ଆକ୍ରମଣ କରିଥିଲେ । ସନ୍ଧ୍ୟା ସମୟରେ ଯୁଦ୍ଧ ଆରମ୍ଭ ହେଲା ଓ ଛଅ ଘଣ୍ଟା ଲଢ଼ାଇ ଉତ୍ତାରୁ ବାହାର ଦଗର ପାଟେରମାନ ପତନ ହେବାକୁ ଆରମ୍ଭ ହେଲା ରୁଷୀୟମାନେ ପୂର୍ବରୁ ତୁରକଙ୍କର ବଳ କଳନା କରିଥିଲେ । ସୁତରାଂ ସେମାନେ ଜୟଲାଭ କରିବାର ଦୃଢ଼ ବିଶ୍ୱାସରେ ବଢ଼ିଯାଇ ଯୁଦ୍ଧ କଲେ । ଏକ୨ କେଲ୍ଲା ଓ ପାଚେରୀ ତାହାଙ୍କର ହସ୍ତଗତ ହେଲା । ତୁରକମାନେ କୌଣସିରୂପେ ସମ୍ଭାଳି ପାରିଲେ ନାହିଁ । ରାତ୍ରି ଶେଷ ସମୟରୁ କେଲ୍ଲାର ଅଭ୍ୟନ୍ତର ଭଗ୍ନାବଶେଷ ରହି ଯାଇଥିଲା ଓ ରୁଷୀୟମାନେ ତାହା ଉପରେ ତୋପବୃଷ୍ଟି କରୁଥିଲେ । ସେହି କାଳରେ କେଲ୍ଲାମଧ୍ୟର ତୁରକସେନାମାନେ ଆଉ ରକ୍ଷାର ଉପାୟ ନ ଦେଖି ଅତ୍ୟନ୍ତ ଦୁଃସାହସିକ ହୋଇ ରୁଷୀୟସେନା ମଧ୍ୟ ଦେଇ ବାହାରି ଆସିବାକୁ ଚେଷ୍ଟା କଲେ ମାତ୍ର ରୁଷୀୟ ଘୋଡସବାରମାନେ ଏମନ୍ତ କୌଶଳରେ ତାହାଙ୍କୁ ଅଟକାଇ ରଖିଲେ ଯେ ସେମାନଙ୍କୁ ଅଗତ୍ୟା ଅସ୍ତ୍ର ତ୍ୟାଗ କରିବାକୁ ହେଲା । ଏହିରୂପ ରୁଷୀୟମାନେ ଜୟଲାଭ କରି ପ୍ରାୟ ଦଶହଜାର ତୁରକ ସେନାଙ୍କୁ ବନ୍ଦି କଲେ ଏବଂ ୩୦୦ ତୋପ ଓ ଅନେକ ବାରୁଦ ଇତ୍ୟାଦି ହସ୍ତଗତ କଲେ । ପ୍ଲେଭନା ଯୁଦ୍ଧରେ ଠିକ ଏହିପରି ଘଟଣା ହୋଇଥିଲା ଅର୍ଥାତ୍ ସତ୍ରକାଳରେ ଓସମାନପାଶା ବଳପୂର୍ବକ ରୁଷୀୟସେନାଙ୍କ ମଧ୍ୟ ଦେଇ ବାହାରି ଆସିବାର ଚେଷ୍ଟା କରନ୍ତେ ରୁଷୀୟମାନେ ତାହାଙ୍କୁ ଏମନ୍ତ ଅଟକାଇଦେଲେ ଯେ ସମସ୍ତ ସେନା ଅସ୍ତ୍ରତ୍ୟାଗ କରି ବନ୍ଦି ହେଲେ ଏଠାରେ ମଧ୍ୟ ବଡ଼ ସଂଗ୍ରାମ ହୋଇଥିଲା । ରୁଷୀୟମାନଙ୍କର ୧୪୪୪ ଏବଂ ତୁରକଙ୍କର ପ୍ରାୟ ୪୦୦୦ ସେନା ମରିପଡ଼ିଲେ । ଏଯୁଦ୍ଧରେ ୭୭ ତୋପ ରୁଷୀୟମାନେ ନେଇଅଛନ୍ତି ଏବଂ ବନ୍ଦୀଙ୍କମଧ୍ୟରେ ଦଶଜଣ ପାଶା ଓ ୨୧୨ ଜଣ ସୈନିକ କର୍ମଚାରୀ ଧରାପଡ଼ିଅଛନ୍ତି ।

ତା ୧୬ ରଖର ତାରସମ୍ବାଦରୁ ଜଣାଯାଏ ଯେ ସର୍ବିଆରାଜ୍ୟ ତୁରସ୍କ ସଙ୍ଗେ ଯୁଦ୍ଧ ଆରମ୍ଭ କରିଅଛି । ତୁରସ୍କର ଶତ୍ରୁ ଚଉଆଡ଼େ ବାହାରୁ ଅଛନ୍ତି ଏଥିରୁ ଆଉ ରକ୍ଷା ନାହିଁ ।

ତୁରସ୍କର ଦୁର୍ବଳତା ଓ ରୁଷିୟାର ବିକ୍ରମ ଦେଖି ଇଂଲଣ୍ଡର ରାଜକର୍ମଚାରୀମାନେ ବଡ଼ ବ୍ୟସ୍ତ ହୋଇଅଛନ୍ତି । ଯୁଦ୍ଧ ଆରମ୍ଭ ସମୟରେ ଇଂଲଣ୍ଡ ସ୍ଥିର କଲେ କି ଯେପର୍ଯ୍ୟନ୍ତ ଇଂରାଜମାନଙ୍କର କୌଣସି କ୍ଷତିର ସମ୍ଭାବନା ନ ହେବ ସେପର୍ଯ୍ୟନ୍ତ ସେମାନେ ନିରପେକ୍ଷ ରହିବେ । ତୁରସ୍କ ଏତେ କାଳ ଯୁଦ୍ଧରେ ଅସାଧାରଣ ସାହସ ଦେଖାଇବାରୁ ଇଂଲଣ୍ଡର ଭରସା ହେଲା ଯେ ରୁଷୀୟ ଦ୍ୱାରା କିଛି ଅନିଷ୍ଟ ହେବ ନାହିଁ ସୁତରାଂ ଇଂଲଣ୍ଡ ନିରପେକ୍ଷ ରହି ଆପଣାର ସତ୍ତ୍ୱ ଓ ମର୍ଯ୍ୟାଦା ରକ୍ଷା କରି ପାରିବ । ଏଥର ତୁରସ୍କର ବଳ ଗଲା ଓ ନିଶ୍ଚୟ ଜଣାଯାଏ ଯେ ଶୀଘ୍ର ହେଉ ଅଥବା ବିଳମ୍ବ ହେଉ ତୁରସ୍କ ଯୁଦ୍ଧରେ ପରାସ୍ତ ହେବ ଓ ଯେବେ କେହି ନ ସହାୟ ତେବେ ମୁସଲମାନଙ୍କର ଅଧିକାର ଇଉରୋପରୁ ଉଠିଯିବ । ତାହା ହେଲେ ରୁଷୀୟମାନେ ତୁରସ୍କ ଓ ଇଜିପ୍ଟର ଅଧିକାରୀ ହେବେ । ତେତେବେଳେ ଇଂଲଣ୍ଡର ଅଧିକାର କିପରି ନିରାପଦରେ ରହିବ ? ଏହି କଥା ବଡ଼ ବିଷମ ପଡ଼ିଅଛି ଓ ଏଥି ପାଇଁ ଇଂଲଣ୍ଡର ରାଜପୁରୁଷମାନେ ନିତ୍ୟ ଏକଠାବରେ ବସି ବିଚାର କରୁଅଛନ୍ତି କିନ୍ତୁ କିଛି ସ୍ଥିର ହୋଇ ନାହିଁ ।

———

## ପେସିଫିକ୍ ସୂଚୀ ।

ଏଠାରେ ପୌଣ୍ଡ ଓ ଅଣା ପ୍ରଭୃତି ସଦାପେ କେବଳ ନୋଟ ଓ ଗୁଣପଟର ରୂପ ହୁଅଇ । ନୋଟର ରୂପ ବର୍ତ୍ତମାନ ଲକ୍ଷର ହୋଇଅଛି କିନ୍ତୁ ଗୁଣପଟ ତାହାଠାରୁ ଟାଣ ହେଲେହେଁ

Split by PDF Splitter
Digitized by srujanika@gmail.com

ଇହାଁର କାରବାର ବିସ୍ତର ହୁଅଇ ନାହିଁ ଏବ ଓଡ଼ିଶାରେ ଗୋଲ୍ କେଉଟ ଛଡ଼ା ଅନ୍ୟ କେହି ଏ ଚାଷ ନ କରିବାରୁ ଏ ଦ୍ରବ୍ୟ ବିସ୍ତର ମିଳଇ ନାହିଁ ସୁତରାଂ ବାଣିଜ୍ୟ ଦ୍ରବ୍ୟ ମଧ୍ୟରେ ସ୍ଥାନପାଇ ନାହିଁ । କିନ୍ତୁ ଏଥିମଧ୍ୟରେ ଅତି ଗୋଟିଏ ଏହିପରି ଦ୍ରବ୍ୟ ଭାରତବର୍ଷର ଚାରିଆଡ଼େ ମିଳିବାର ସମ୍ଭାବନା ଅଛି ଓ ଲୋକେ ଯତ୍ନ କଲେ ଏହା ଗୋଟିଏ ପ୍ରଧାନ ବାଣିଜ୍ୟ ଦ୍ରବ୍ୟ ହେବ । କଲିକତା ନିକଟରେ ଗୋଟିଏ କାରଖାନା ଅଛି ଇହାଁରେ ଦୌଡ଼ି ଓ କାନବାସ ଲୁଗା ଇତ୍ୟାଦି ପ୍ରସ୍ତୁତ ହୁଅଇ । ଉକ୍ତ କାରଖାନାର ଅଧ୍ୟକ୍ଷ ମକାଲିଷ୍ଟର ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ପଠାଇଅଛନ୍ତି କି ଯେସି ଗଛର ବକଳାରୁ ଏମନ୍ତ ସୂତା ବାହାରିପାରେ ଯେ ଇହାଁରେ ଜାହାଜର ପାଲ ଇତ୍ୟାଦି ସକାଶେ ଉତ୍ତମ କାନବାସ ଲୁଗା ପ୍ରସ୍ତୁତ ହେବ । ଉକ୍ତ କାରଖାନାରେ ବର୍ତ୍ତମାନ ରୁଷୀୟାରୁ ଆସୁଥିବା ଏହି ପ୍ରକାର ସୂତାଦ୍ୱାରା ଉକ୍ତ ଦ୍ରବ୍ୟମାନ ପ୍ରସ୍ତୁତ ହେଉଅଛି ସେ ସୂତାର ମୂଲ୍ୟ କଲିକତାରେ ମହଣ ୫ ।୧୦ ଟଙ୍କା ଲେଖାଏଁ ବିକ୍ରୟ ହେଉଅଛି । ଯେସି ବକଳାର ସୂତା ଠିକ ସେହିପରି ହେବ ଓ ଇହାଁର ଦାମ ସୁଲଭ ହେବାର ସମ୍ଭାବନା ଥିବାରୁ ଖର୍ଚ୍ଚ ଅଧିକ ହେବ ସୁତରାଂ ଏ ଦ୍ରବ୍ୟର ବାଣିଜ୍ୟ ଅତ୍ୟନ୍ତ ବୃଦ୍ଧି ହେବାର ଆଶା ଅଛି । ଯେତେ ଯେସିଗଛ ପ୍ରସ୍ତୁତ କରି ଇହାଁରୁ ସୂତା ବାହାର କରିବାକୁ ହେବ ଇହାଁର ସବିଶେଷ ନିୟମ ସେ ପ୍ରଚାର କରିଅଛନ୍ତି ଓ ସ୍ୱୟଂ ପରୀକ୍ଷା କରି ସଫଳ ହୋଇଅଛନ୍ତି । ସେହି ନିୟମମାନ ସେ ଗବର୍ଣ୍ଣମେଣ୍ଟ ଇଣ୍ଡିୟାକୁ ଲେଖି ପଠାଇବାରେ ତାହା ଗୋଟିଏ ସରକୁଲରର ଆକାରରେ ସର୍ବସାଧାରଣଙ୍କ ଜ୍ଞାନାର୍ଥେ ପ୍ରଚରିତ ହୋଇଅଛି । ଅମ୍ଭେମାନେ କଲେକ୍ଟର ସାହେବଙ୍କଠାରୁ ଉକ୍ତ ସରକୁଲରର ଏକପ୍ରସ୍ଥ ପ୍ରତିଲିପି ପ୍ରାପ୍ତ ହୋଇ ଇହାଁର ସାରଭାଗ ପାଠକମାନଙ୍କୁ ଜଣାଉଅଛୁଁ ।

ମାକଲିଷ୍ଟର ସାହେବ ବୋଲନ୍ତି କି ଏଠା ଲୋକେ ମଞ୍ଜି ବାହାରକରି ନେଇ ଝାଟିକୁ ଜାଳି ଦିଅନ୍ତି ଓ ଇହାଁରୁ ଆଉ କିଛି ଆୟ ହୁଅଇ ନାହିଁ । ମାତ୍ର ସେହି ଝାଟିରୁ ଶୀଘ୍ର ମଞ୍ଜି ବାହାରକରି ନେଇ ତାହାକୁ ପାଣିରେ ବୁଡ଼ାଇ ରଖି ଝୋଟ ବାହାର କରିବା ନ୍ୟାୟରେ ସୂତା ବାହାର କଲେ ଇହାଁରୁ ଅନେକ ଟଙ୍କା ଅମଦାନୀ ହେବ ।

ପୃଥିବୀର ସବୁ ସ୍ଥାନରେ ଯେସିର ଚାଷ ହୁଅଇ । କେଉଁଠାରେ କେବଳ ସୂତା ଅଥବା ମଞ୍ଜି ଓ କେଉଁଠାରେ ଉଭୟ ସୂତା ଓ ମଞ୍ଜି ସକାଶେ ଏଥିର ଚାଷ ହୁଅଇ । ଭାରତବର୍ଷରେ ମଞ୍ଜି ପାଇଁ ଏଥିର ଚାଷ କରନ୍ତି କିନ୍ତୁ ମଞ୍ଜି ଓ ସୂତା ସକାଶେ ଚାଷ କରିବାକୁ ହେଲେ ତଳଲିଖିତ ନିୟମ ଗୁଡ଼ିକ ପ୍ରତିପାଳନ କରିବାର ଉଚିତ ତାହା ହେଲେ ମଞ୍ଜି ସଙ୍ଗେ ଭଲ ସୂତା ମଧ୍ୟ ଆୟ ହେବ । ଯେଉଁ ଜମିରେ ପ୍ରତିବର୍ଷ ବଢ଼ିପାଣି ମାଡ଼ଇ ଓ ଦୋରସା ଥାଏ ତାହା ଯେସି ଚାଷ ସକାଶେ ଉତ୍କୃଷ୍ଟ ଅଟଇ । ଉଚ ଭୂମିରେ ବୁଣିବାକୁ ହେଲେ ଭଲ କରି ଖତ ପକାଇବାକୁ ହେବ କାରଣ ନୀରସ ଭୂମିରେ ଭଲ ଫସଲ ହେବ ନାହିଁ । କାର୍ତ୍ତିକ ମାସ ନ ହେଉଣୁ ଜମି ଚଷିବ । ଚାରି ପାଞ୍ଚଥର ଭଲ କରି ଚଷି ମଇ ଦେଇ ବିହନ ବୁଣିବ । ବିହନ ଉତ୍ତମ ହେବାର ଆବଶ୍ୟକ ସମୟରେ ବିହନ ବଦଳ କରିବାର ଭଲ ଅର୍ଥାତ୍ ଭିନ୍ନ ପ୍ରଦେଶରୁ ବିହନ ଆଣି ଇହାଁରୁ ବିହନ ବାନ୍ଧିବ ଓ ଚାରି ପାଞ୍ଚବର୍ଷ ଉତ୍ତାରୁ ନୂଆ ବିହନ ଅଣାଇବ । ଏକବିଘା ଜମିରେ ସେ ୧୦।୧୨ର ବିହନ ବୁଣିଲେ ଭଲ ସୂତା ବାହାରିବ ବହୁତ ବହଳ କରି ବୁଣିଲେ ମଞ୍ଜି ଅଧିକ ହେବ ମାତ୍ର ଗଛ ସାନ ହେବ ଓ ସୂତା ଭଲ ହେବ ନାହିଁ । ବର୍ଷାକାଳ ଶେଷ ହେବା ମାତ୍ରକେ ବିହନ ବୁଣିବ ଓ ଗଛ ଦୁଇ କି ତିନିଇଞ୍ଚ ହେଲେ ଥରେ ଭଲ କରି ବଲକୁ ବାଛି ଦେବ ଓ ଜମି ପରିଷ୍କାର ହୋଇ ଥିଲେ ଇହାଁ ଉତ୍ତାରୁ ଆଉ କିଛି କରିବାକୁ ହେବ ନାହିଁ । କେବଳ ସୂତା ସକାଶେ କ୍ଷେତ କରିଥିଲେ, ଫୁଲଉଠି ଆସିବା ଠିକ ପୂର୍ବ ଗଛସବୁ ଉପାଡ଼ି ବଡ଼।୨କରି ବାନ୍ଧି ଅବିଲମ୍ବେ ପାଣିରେ ମାଡ଼ିଦେବାକୁ ହେବ । ଚାରି ପାଞ୍ଚଦିନରେ ପଚିଗଲେ ତାହାକୁ ପାଣିରୁ ବାହାରକରି ଘାସଉପରେ ଶୁଖାଇ ଦେବ ଘ ୨୪ ଘଣ୍ଟା ମଧ୍ୟରେ ଶୁଖିଯିବ ମାତ୍ର ଏସମୟରେ ସତର୍କ ରହିବାର ଉଚିତ କାରଣ ବଡ଼ ଶୁଖିଗଲେ ସୂତା ନଷ୍ଟଯିବ । ଇହାଁ ଉତ୍ତାରୁ କ୍ଷଣକରା ପ୍ରମାଣେ ସେ ସବୁକୁ ଗଦାକରି ଦେବ । ଗଦା ତଳରେ କୁଟା କମ୍ବା ବାଉଁଶ ଦେଲେ ଗଦା ଭିତରେ ବତାସ ଖେଳିବ । ଦ ୧୫ ନ ଗଦା ହୋଇ ରହିଲେ ଭିତରର କାଠିସବୁ ଯେତ ଏପରି ଶୀର୍ଣ୍ଣ ହୋଇଥିବ ଯେ ସହଜରେ ଚୂନା ହୋଇଯିବ । ଯନ୍ତ୍ରଦ୍ୱାରା ସହଜରେ ଚୂନା ହୋଇପାରେ ଓ ହାତରେ ମଧ୍ୟ ହେବ । ଯେଉଁ ଯେସି ଚାଷରୁ ମଞ୍ଜି ଓ ସୂତା ଉଭୟ ଦ୍ରବ୍ୟ ଆୟ କରିବାର ଇଚ୍ଛା ହେବ ସେଠାରେ ମଞ୍ଜି ପାଚିବା ପର୍ଯ୍ୟନ୍ତ କ୍ଷେତ ରହିବ । ବଙ୍ଗଲାରେ ଯେତେ ବିହନ ବୁଣାଯାଏ ଇହାଁର ଦଶଗୁଣ ଆମେରିକାରେ ବୁଣନ୍ତି ଓ ଇହାଁରୁ ସୂତା ଓ ମଞ୍ଜି ବିସ୍ତର ପରିମାଣରେ ଆୟ ହୁଅଇ । ବେଙ୍ଗଲା ପଦ୍ଧତି ମଞ୍ଜି ଛଡ଼ାଇଲେ ସୂତା ଆୟ ହେବ ନାହିଁ । ଏସକାଶେ ଆବଶ୍ୟକ ଯେ ଖଣ୍ଡେ କାଠ ଅଥବା ପଥର ଉପରେ ବାଡ଼େଇ ମଞ୍ଜି ଛଡ଼ାଇବ ଓ ମଞ୍ଜି ଅଲଗା ହେବା ମାତ୍ରକେ ଝାଟିକି ନେଇ ପାଣିରେ ମାଡ଼ିବ ( ପରିଷ୍କାର ଜଳ ଉତ୍ତମ ଅଟଇ ) ଇହାଁ ଉତ୍ତାରୁ ଉପର ଲେଖିତ ନିୟମରେ ସୂତା ବାହାର କରିବ । ଏଥିରୁ ଯେଉଁ ସୂତା ବାହାରିବ ତାହା ନିକୃଷ୍ଟ ହେଲେ ହେଁ ଲଣ୍ଡନନଗରରେ ଇହାଁର ମହଣ ୫ ୧୨।-।୧୩ ଙ୍କା ହେବ । କିନ୍ତୁ କଲିକତା ନିକଟରେ ଯେଉଁ କାରଖାନା ଅଛି ଇହାଁରେ ଏଦ୍ରବ୍ୟ ଖର୍ଚ୍ଚ ହୋଇଯିବ ଓ ଯେଉଁମାନେ ପ୍ରସ୍ତୁତ କରିବେ ତାହାଙ୍କୁ ବିଲାତକୁ ବିକ୍ରୟ କରିବା କାରଣ ଯିବାର ପ୍ରୟୋଜନ ହେବ ନାହିଁ ।

ଅମ୍ଭେମାନେ ଉପର ଲିଖିତ ବିବରଣମାନ ବାହୁଲ୍ୟରୂପେ ଲେଖିବାର କାରଣ ଏହି ଯେ ଜମିଦାର ଓ ଚାଷିମାନେ ଏଥିରୁ ଗୋଟିଏ ନୂଆ ଲାଭର ସୂତ୍ରପାଇ ସୂତାଆୟ କରିବାକୁ ପ୍ରବୃତ୍ତ ହେବେ । ଯେସିଫଳ ଏଠାରେ ବିସ୍ତର ପରିମାଣରେ ହୁଅଇ ଯେବେ ଚାଷିମାନେ କେବଳ ମଞ୍ଜି ପାଇବାରେ ତୃପ୍ତ ନ ହୋଇ ସୂତା ବାହାର କରିବା କାରଣ ଉପର ଲେଖିତ ନିୟମମାନ ଅବଲମ୍ବନ କରିବେ ତେବେ ତାହାଙ୍କର ପରିଶ୍ରମ କଦାଚ ବ୍ୟର୍ଥ ଯିବ ନାହିଁ । ଚନ୍ଦବାଲି ଓ କଟିପର ବନ୍ଦରମାନଙ୍କ ପ୍ରସାଦରୁ କଲିକତା କିଛି ଦୂରନୁହଇ କେହି ଚାଷି ପରୀକ୍ଷାସ୍ୱରୂପ ଯେସିଝାଟିରୁ ସୂତା ବାହାରକରି କଲିକତା ଘୁଷଡ଼ି କାରଖାନାକୁ ପଠାଇ ଦେଲେ ସେ କି ପର୍ଯ୍ୟନ୍ତ ସଫଳ ହେବ ତାହା ଜାଣି ପାରିବ ଓ ଥରେ ଇହାଁର ମୂଲ୍ୟବୃଦ୍ଧି ଲାଭ ଜାଣିପାରିଲେ ଆପେ ମନ ମାଳିଯିବ । ଅମ୍ଭେମାନେ ଚାଷି ଓ ଜମିଦାରଙ୍କୁ ଅନୁରୋଧ କରୁଅଛୁଁ କି ଥରେ ଏକଥାକୁ ବିଚାରନ୍ତୁ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ପି, ଓ, ଡକନସ୍ ସାହେବ କଟକର ଏକଟିଂ ଜଜ ହୋଇ ଆସୁଅଛନ୍ତି । ଏମହାଶୟ ଅନେକଦିନ କଲିକତାର ମାଜିଷ୍ଟ୍ରେଟ ଥିଲେ ।

ବାଲେଶ୍ବରରେ କୁମାର ବୈକୁଣ୍ଠନାଥଦେଙ୍କ ଯତ୍ନରେ ଆସନ୍ତା ଜାନୁଏରୀ ମାସ ତା ୧୫ ରଖରେ ଗୋଟିଏ ଦ୍ରବ୍ୟ ପ୍ରଦର୍ଶନୀ ହାଟ ହେବ । ସେଠାକୁ ଏଦେଶୀୟ ନାନାପ୍ରକାର ଉତ୍କୃଷ୍ଟ କୃଷି ଓ ଶିଳ୍ପଜାତ ଦ୍ରବ୍ୟ ପଠାଇବା ସକାଶେ କଲେକ୍ଟର ସାହେବ ଜମିଦାରଙ୍କ ନିକଟକୁ ପତ୍ର ଲେଖିଅଛନ୍ତି ଉତ୍ତମ ଦ୍ରବ୍ୟ ସକାଶେ ପାରିତୋଷିକମାନ ଦିଆଯିବ । ଆମ୍ଭେମାନେ ଭରସା କରୁଁ ଯେ ବୈକୁଣ୍ଠ ବାବୁଙ୍କର ଏ ହିତକର ଅନୁଷ୍ଠାନଟି ସର୍ବାଂଶରେ ସଫଳ ହେବ ଓ ଅନ୍ୟାନ୍ୟ ଜିଲାର ଜମିଦାର ଓ ଭଦ୍ରଲୋକମାନେ ଏଥିର ଅନୁକରଣ କରିବେ ।

ଏବର୍ଷ ମଧ୍ୟ ଅଫୀମ ବିକ୍ରୟରେ ଗବର୍ଣ୍ଣମେଣ୍ଟଙ୍କର ଅନେକ ଲଭ ହେବାର ସମ୍ଭାବନା ଅଛି ଏପର୍ଯ୍ୟନ୍ତ ଯେ ବିକ୍ରୟ ହୋଇଅଛି ତହିଁରେ ଇଷ୍ଟିମିଟ ଅପେକ୍ଷା ଅଧକୋଟି ଟଙ୍କା ଅଧିକ ମିଳିବାର ଜଣା ଯାଉଅଛି ।

ହିଂସ୍ରକ ପଶୁ ବିନାଶର ସାଲତମାମିରୁ ପ୍ରକାଶ ଯେ ଭାରତବର୍ଷରେ ସନ ୧୮୭୬ ସାଲରେ ଜ ୧୯୬୭୩ ଣ ମନୁଷ୍ୟ ଓ ୫୪୮୩୦ ପଶୁ ଗୃହପାଳିତ ପଶୁ ହିଂସ୍ରକ ପଶୁ ଓ ସର୍ପ ଦ୍ୱାରା ନଷ୍ଟ ହୋଇ ଅଛନ୍ତି । ଏଣେ ୨୩୪୫୯ ବନପଶୁ ଓ ୨୧୨୩୭୧ ବିଶାଳ ସର୍ପ ବଧ ହୋଇ ଅଛନ୍ତି । ବଧକାରିମାନଙ୍କୁ ପୁରସ୍କାର ଦେବାରୁ ସରକାରଙ୍କର ଟ ୧୨୪୫୭୪୮ଙ୍କା ଖର୍ଚ୍ଚ ହୋଇ ଅଛି । ଗତ ବର୍ଷ ୨୨୩୫୭ ପଶୁ ଓ ୨୭୦୨୮୫ ସର୍ପ ବଧ ହୋଇ ଥିଲେ ଓ ଏଥିରେ ଏକଲକ୍ଷ କୋଡ଼ିଏ ହଜାର ଟଙ୍କା ବ୍ୟୟ ହୋଇ ଥିଲା । ଜନସାଧାରଣଙ୍କ ହିତାର୍ଥେ ସରକାର ହିଂସ୍ରକ ପଶୁ ବଧରେ ପ୍ରତିବର୍ଷ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରୁଅଛନ୍ତି ପ୍ରଶଂସାର ବିଷୟ ଅଟଇ ।

ମାନ୍ଦ୍ରାଜ ପ୍ରଦେଶର କେବଳ ଗଞ୍ଜାମଜିଲାରେ ବୃଷ୍ଟି ହୋଇ ନ ଥିବା କଷ୍ଟିତ ସମ୍ବାଦ ଆସିଅଛି ଯେ ଉକ୍ତ ଜିଲାରେ ଦୁଇ ଇଞ୍ଚ ବୃଷ୍ଟି ହୋଇଅଛି ଓ ତଦ୍ଦ୍ୱାରା ଫସଲପ୍ରତି ଅନେକ ଉପକାର ହୋଇଅଛି ।

ମେଦିନୀପୁରର କଲେକ୍ଟର ହାରିସନ ସାହେବ ବୋର୍ଡର ସେକ୍ରେଟରୀ ପଦରେ ନିଯୁକ୍ତ ହୋଇ ଅଛନ୍ତି । ହାରିସନ ସାହେବଙ୍କର ଅନେକ ସୁଖ୍ୟାତି ଶୁଣା ଯାଇଅଛି । ମେଦିନୀପୁରର ଲୋକମାନେ ତାହାଙ୍କ ସକାଶେ ଦୁଃଖିତ ହୋଇଥିବେ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ କଲିକତାରେ ମୃତ୍ୟୁର ତାଲିକା ଅତି ଭୟଙ୍କରରୂପେ ବୃଦ୍ଧି ହେଉଅଛି । ନବେମ୍ବର ମାସର ପ୍ରଥମ ସପ୍ତାହରେ ୩୦୩ ଲୋକ ମରିଥିଲେ ତହିଁଉତ୍ତାରୁ କ୍ରମଶଃ ବୃଦ୍ଧି ହୋଇ ଚଳିତମାସ ତା ୭ ରଖରେ ଶେଷ ହେବା ସପ୍ତାହରେ ୪୧୭ ଜଣ ମଲେ । ଅଧିକାଂଶ ମୃତ୍ୟୁର କାରଣ ଜ୍ୱର ଅଟଇ ।

ଏକ ଖଣ୍ଡ ଇଂରାଜୀ ସମ୍ବାଦ ପତ୍ରରେ ଲେଖା ଅଛି କି ଡାକ୍ତର ଫେମିନ ସାହେବ ଚନ୍ଦ୍ରଙ୍କର ହ୍ରାସ ବୃଦ୍ଧି ଦୃଷ୍ଟିରେ କେତେ ଗୁଡ଼ିଏ ନକସା ପ୍ରସ୍ତୁତ କରିଅଛନ୍ତି ଏମନ୍ତ ସମ୍ଭବ ହୁଅଇ ଯେ ସେ ନକସାମାନ ଦେଖି ପିଲାଜନ୍ମହେବା ପୂର୍ବେ ପୁଅହେବ କି ଝିଅହେବ ତାହା କୁହାଯାଇ ପାରିବ । ସମ୍ପ୍ରତି ଡାକ୍ତର ସାହେବ ଘୋଡ଼ା ଓ ଅନ୍ୟ ଗୃହପାଳିତ ପଶୁଙ୍କ ସମ୍ପର୍କରେ ଏପ୍ରକାର ନକସାମାନ ପ୍ରସ୍ତୁତ କରିବାରେ ନିଯୁକ୍ତ ଅଛନ୍ତି । ହିନ୍ଦୁ ଜ୍ୟୋତିଷମାନଙ୍କ ସକାଶେ ଏସମ୍ବାଦଟି ଶୁଭକର ଅଟଇ । ତାହାଙ୍କ ବିଦ୍ୟାକୁ ଏଣିକି କେହି ଅନାଦର କରିବେ ନାହିଁ ।

ଲାହୋରର ସଂବାଦ ପତ୍ରରେ ଲେଖାଅଛି ଯେ ଉତ୍ତର ପଶ୍ଚିମର ପ୍ରତ୍ୟେକ ମୁକାମରେ କେତେ ଖ୍ରୀଷ୍ଟିୟାନ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେଲୋକ ଗିର୍ଜାକୁ ଆସନ୍ତି ଏଥିର ତାଲିକା ପ୍ରସ୍ତୁତ ହେଉ ଅଛି । ଏହା ବିଲାତର ପାର୍ଲିମେଣ୍ଟ ସଭାରେ ଦରପେଶ ହେବ । ଏଥିରୁ ଏମନ୍ତ ଅନୁମାନ ହୁଅଇ ଯେ ସରକାରଙ୍କ ହାତରୁ ଗିର୍ଜାର କର୍ମ ବାହାର ଯିବ । ଶୀଘ୍ର ଗଲେ ଭଲ ।

ବମ୍ବେଇର ଗତ ବାର୍ଷିକ ରିପୋର୍ଟରୁ ଜଣା ଯାଏଯେ ଗତବର୍ଷ ଅପେକ୍ଷା ଉକ୍ତ ବର୍ଷ ଅଫୀମ ବିକ୍ରୟରେ ଷୋଳଶଲକ୍ଷଟଙ୍କା ଲଭ ହୋଇଅଛି ଚୀନରେ ଅଫୀମର ଭାଉ ଉଚ୍ଚ ହେବା ଏଥିର କାରଣ ଅଟଇ ।

ବୋଗଦାଦରେ ଅଳ୍ପଦିନତଳେ ଶସ୍ୟ ଲୁଟି ହୋଇ ଥିଲା । ଲୋକମାନେ ଏକମେଳ ହୋଇ ଅନେକ ଜାହାଜରୁ ଶସ୍ୟ ଲୁଟିନେଲେ । ସେତେଲୋକ ଧରାପଡ଼ିଅଛନ୍ତି । ସେଠାରେ କାଳ ପଡ଼ିଅଛି କି ?

ଚଳିତ ମାସ ତା ୩ ରଖରେ ଢାକାନଗରରେ ଏକଥରୀ ସଭାହୋଇ ଥିଲା ଓ ଶ୍ରୀଯୁକ୍ତ କମିସନର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଢାକା ଓ ଗୋଅଲନ୍ଦ ମଧ୍ୟରେ ରେଲ ବାଟ ନିର୍ମାଣ କରିବା ସଭାର ଉଦ୍ଦେଶ୍ୟ ଥିଲା । ସ୍ଥିର ହୋଇଅଛି ଯେ ଏ ରେଲ ବାଟରେ ଦେଢ଼କୋଟି ଟଙ୍କା ବ୍ୟୟ ହେବ ଓ ତାହା ଋଣଦ୍ୱାରା ଇଂଲଣ୍ଡ ଓ ଭାରତବର୍ଷରେ ସଂଗୃହୀତ ହେବ ।


## ବିଜ୍ଞାପନ ।

ଆଶ୍ଚର୍ଯ୍ୟ ହିକାମତ ।

ସର୍ବସାଧାରଣଙ୍କ ଗୋଚରାର୍ଥେ ଇହାଦ୍ୱାରା ଜଣାଉଅଛି ଯେ ଖୁଇଧାରରେ ଲୁଣାବାଲି ହିକାମତ କଲେ ଲୁଣରେ କିଛି ଅସାର ନ ହୋଇ କେବଳ ବାଲି ସଫା ହୋଇଯିବ । ପୁଣି ଏକପ୍ରକାରରେ ଲୁଣ ଓ ତେଲ ଦେଇ ଅନ୍ୟ ପ୍ରକାରର ହିକାମତ କରିପାରେଁ ଓ କାନ ସଫା ଉତ୍ତମରୂପେ କରି ଜାଣେ ଯାହାଙ୍କର ଆବଶ୍ୟକ ହେବ କାର୍ଯ୍ୟଦ୍ୱାରା ପରୀକ୍ଷା କରି ପାରିବେ । ଇତି ।

୨୧।୧୨।୭୭ }  ଦଳ ବାରିକ
କଟକ }  । ସା । ନୂଆପୁର । ପ୍ର । ସୁନହଟ । ଜି । ବାଲେଶ୍ୱର ।


## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଚତୁର୍ଭୁଜ ପଟ୍ଟନାୟକ | କଟକ | ବକେୟା | ଟ ୨୷ |
| ,, ସଦାନନ୍ଦ ମହାନ୍ତି | ,, | ,, | ଟ ୨୲ |
| ,, ଜଗନ୍ନାଥ ଭରଥ ଗୋସାଇଁ | ,, | ,, | ଟ ୭୲ |
| ,, ଭଗବାନ୍ ଜେନା | ,, | ,, | ଟ ୩୲ |
| ,, ସଦାନନ୍ଦ ବେହେରା | ,, | ,, | ଟ ୩୲ |
| ,, ନନ୍ଦକିଶୋର ଘୋଷ | ,, | ,, | ଟ ୨୲ |
| ମୁନସି ଅବଦୁଲ ରେଜାକ | ,, | ,, | ଟ ୧୲ |
| ବାବୁ ବେହାରୀ ମହାନ୍ତି | ,, | ,, | ଟ ୩୲ |
| ,, ଗିରିଧାରୀ ସାହୁ | ,, | ,, | ଟ ୩୲ |
| ଶ୍ରୀ ଶ୍ରୀ ରଜା ବଣ୍ଟେ ଅଠମଲ୍ଲିକ | ,, | ,, | ଟ ୭୲ |
| ମୁନସି ଅଜିଜ ଖାଁ | ,, | ,, | ଟ ୧୲ |
| ,, ସୁଲତାନ ମହମ୍ମଦ | ,, | ,, | ଟ ୭୲ |
| ସମ୍ପାଦକ ହିତୈଷିଣୀ ସଭା ଢେଙ୍କାନାଳ | | ଅଗ୍ରିମ | ଟ ୩।/ |
| ମୁନସି ସେଖ କାଦର | କଟକ | ବକେୟା | ଟ ୩୲ |
| ବାବୁ ମଥୁରମୋହନ ପାଣି ବାଲେଶ୍ୱର | | ଅଗ୍ରିମ | ଟ ୭୷ |
| ଶ୍ରୀ ଶ୍ରୀ ରଜା ବଣ୍ଟେ ପାଲଲହଡ଼ା | | ବକେୟା | ଟ ୭୷ |
| ଶ୍ରୀଯୁକ୍ତ ଓଁଲ୍ସସାହେବ | କଟକ | ବକେୟା | ଟ ୭୲ |
| ବାବୁ କୃଷ୍ଣବନ୍ଧୁ ଘୋଷ | କଟକ | ବକେୟା | ଟ ୨୲ |
| ବାବୁ ଦିବାକର ଦାସ | କଟକ | ବକେୟା | ଟ ୨୲ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ଶ • ସଂ ୫୧ ଖ୍ୟା | ତା ୨୯ ରଖ ମାହେ ଡସମ୍ବର ସନ ୧୮୭୭ ମସିହା । ମୂ । ପୌଷ ଦ ୧୭ ନ ସନ ୧୨୮୫ ସାଲ ଶନିବାର | ଅଗ୍ରିମ ବାର୍ଷିକମୂଲ୍ୟ ଟ୫୲ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲ ମଫସଲପାଇଁ ଡାକମାସୁଲ ଟ୧୷

ଶ୍ରୀଯୁକ୍ତ ରେବନ୍‌ସା ସାହେବ କମିଶ୍ନର ଆଗାମୀ ତା ୨ ରଖରେ ବାର୍ଷିକ ଗସ୍ତ ଆରମ୍ଭ କରିବେ ସେ ପ୍ରଥମେ ଖୋରଧାକୁ ଯିବାର ସ୍ଥିର କରିଅଛନ୍ତି ସେଠାରୁ ଗଡଜାତକୁ ଯାତ୍ରା କରିବେ । ରଣପୁର ଦଶପଲ୍ଲା ଓ ଢେଙ୍କାନାଳର ନୂତନ ବନ୍ଦୋବସ୍ତମାନ କିପରି ହେଉ ଅଛି ତାହା ଦେଖିବେ । ଓ ପାରଲୁଦର ଦୁର୍ଭିକ୍ଷ ଦେଖିବାକୁ ମଧ୍ୟ ଯିବେ ବୋଲି ଶୁଣାଯାଏ । ଆମ୍ଭମାନଙ୍କ ବିବେଚନାରେ ପାରଲୁଦକୁ ଶୀଘ୍ର ଯିବାର ଆବଶ୍ୟକ । ସେଠାରେ ଭାରି ଦୁର୍ଭିକ୍ଷ ପଡ଼ିଅଛି ବୋଲି ସମସ୍ତେ କହୁ ଅଛନ୍ତି ସ୍ୱୟଂ କମିଶ୍ନର ସାହେବ ନିଜେ ଦେଖି ପ୍ରଜାଙ୍କର ରକ୍ଷା ବିଷୟରେ ବିହିତ ଉପାୟ ସ୍ଥିର କଲେ ଯେମନ୍ତ ଭଲ ହେବ ଅନ୍ୟ କୌଣସି ପ୍ରକାରେ ତାହା ହୋଇ ପାରିବ ନାହିଁ ।

---

ଗତ ଅକ୍ଟୋବର ମାସରେ ବାଲେଶ୍ୱରକୁ ଟ ୫୩୨୧୧ ଙ୍କାର ଦ୍ରବ୍ୟ ସମୁଦ୍ରବାଟେ ଆମଦାନୀ ହୋଇଥିଲା ଏଥି ମଧ୍ୟରେ ଟ ୨୧୮୦୦ ଙ୍କା କେବଳ ସୁନା ରୂପାର ମୁଦ୍ରା ଓ ଅବଶିଷ୍ଟ ଥାନ ଲୁଗା ସୂତା ଓ ଗରମମସଲା ଅଟଇ । ଏହି ମାସରେ ଟ ୨୮୧୩୩୬ ଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା ଏଥି ମଧ୍ୟରେ କେବଳ ଧାନ ଚାଉଳ ଟ ୨୨୧୦୦୦ ଙ୍କାର ଥିଲା ।

ଗତ ଅକ୍ଟୋବର ମାସରେ କଟକ ବନ୍ଦରକୁ ଟ ୭୫୦୦୦ ଙ୍କାର ଦ୍ରବ୍ୟ ସମୁଦ୍ରବାଟେ ଆମଦାନୀ ହୋଇଥିଲା ଏଥି ମଧ୍ୟରେ ଟ ୨୬୦୦୦ ଙ୍କା କେବଳ ପଲଟନ ସକାଶେ ବନ୍ଧୁକ ଓ ଅବଶିଷ୍ଟ ଥାନଲୁଗା ଓ ମସଲା ଇତ୍ୟାଦି । ଏହି ମାସରେ ଏଠାରୁ ଟ ୫୩୪୦୦୦ ଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା । ଏଥି ମଧ୍ୟରେ ୧୬ । ୧୭ ହଜାର ଟଙ୍କା ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟ ହେବ ନୋହିଲେ ଅବଶିଷ୍ଟ ସମସ୍ତ ଚାଉଳ ଓ ରବି ଇତ୍ୟାଦି ଶସ୍ୟ ଓ ତାହା ସମସ୍ତ ମାନ୍ଦ୍ରାଜପ୍ରଦେଶକୁ ଯାଇଅଛି ।

---

ଇଣ୍ଡିଆ ଗେଜେଟରେ ଡାକଘରର ଏକ ରିପୋର୍ଟରୁ ଜଣାଯାଏ ଯେ ବଙ୍ଗଳାରେ ଚାରିଖଣ୍ଡ ଇଂରାଜୀ ଏବଂ ଦୁଇଖଣ୍ଡ ବଙ୍ଗଳା ଦୈନିକ ସମ୍ବାଦପତ୍ର ଅଛି । ଏହାପର ୧୬ ଖଣ୍ଡ ଇଂରାଜୀ ଓ ୩୪ ଖଣ୍ଡ ବଙ୍ଗଳା ସାପ୍ତାହିକ ଏବଂ ୧୮ ଖଣ୍ଡ ଇଂରାଜୀ ଓ ୨୦ ଖଣ୍ଡ ବଙ୍ଗଳା ମାସିକ ପତ୍ରିକା ଅଛି । ପାକ୍ଷିକ ପତ୍ରିକା କେବଳ ଏକଖଣ୍ଡ ଅଛି । ଏହା ଛଡ଼ା ଦୁଇଖଣ୍ଡ ହିନ୍ଦି ଏବଂ ତିନିଖଣ୍ଡ ଓଡ଼ିଆ ସମ୍ବାଦପତ୍ର ଅଛି । କିନ୍ତୁ ଖଣ୍ଡେ ଓଡ଼ିଆ ଯେ ପାକ୍ଷିକ ତାହାଁର କି ହେଲା । ବୋଧ ହୁଅଇ ଏହି ପାକ୍ଷିକ ପତ୍ରିକାର ଉଲ୍ଲେଖ ଉପରେ ହୋଇଅଛି । ବମ୍ବେଇରେ ୯୨ ଖଣ୍ଡ ଓ ଉତ୍ତର ପଶ୍ଚିମରେ ୫୮ ଖଣ୍ଡ ଦେଶୀୟ ସମ୍ବାଦପତ୍ର ଅଛି । ମାତ୍ର ମାନ୍ଦ୍ରାଜରେ କେବଳ ୮ ଖଣ୍ଡ ଦେଶୀୟ ସମ୍ବାଦପତ୍ର ଅଛି । ମାନ୍ଦ୍ରାଜରେ ଦେଶୀୟ ଭାଷାର ଏତେ ଅନାଦର କାହିଁ କି ? ସେଠାରେ ଇଂରାଜୀ ଭାଷାର ଅଧିକ ପ୍ରଚାର ଏଥିର କାରଣ ହୋଇ ପାରେ ନୋହିଲେ ଶିକ୍ଷା କାର୍ଯ୍ୟର ଅବସ୍ଥା ଅତ୍ୟନ୍ତ ମନ୍ଦ ହୋଇଥିବ

---

ମେଦନୀପୁରର କଲେକ୍ଟରଙ୍କ ବକ୍ତୃତାରୁ ହିନ୍ଦୁପେଟ୍ରିଅଟ ଜଳଲଗ୍ନ ବିଷୟଟି ଉଦ୍ଧୃତ କରିଅଛନ୍ତି ଯଥା; “ କେନାଲର କବାଟମାନ ସମୟରେ ଟେକିଦିଆଗଲା ଓ କେନାଲଯୁକ୍ତ ହୋଇଥିବା ଜମିରେ ଜଳ ମାଡ଼ିଗଲା । ମାତ୍ର ଜଳ ମାଡ଼ିବା ଭୂମିର ଫସଲ ଜଳ ନ ମାଡ଼ିଥିବା ଭୂମିର ଫସଲରୁ ଅଧିକ ନ ହୋଇ ବରଂ ଊଣା ହେଲା । ଲୋକେ ବିବେଚନା କଲେ, ଏହା ଅକାରଣ ନୁହେ, ଯେ ବର୍ଷା ଓ ନାଳଜଳ ଦୁହେଁ ମିଶି ତାହାଙ୍କର କ୍ଷେତକୁ ଉତ୍କୃଷ୍ଟ ନ କରି ବରଂ ନଷ୍ଟ କଲା ।” ମେଦନୀପୁରର ଚଷାମାନେ ଯାହା କହୁଅଛନ୍ତି ଏଠାଗଡ଼ର ଜିଲାର ଚଷାମାନେ ମଧ୍ୟ ସେହି କଥା କହୁଅଛନ୍ତି ଓ ଯେତେବେଳେ ସ୍ୱୟଂ କଲେକ୍ଟରଙ୍କ ଲେଖାରୁ ତାହା ଜଣାଯାଏ ସେ ସ୍ଥଳେ ସନ୍ଦେହ କରିବାର ବାଟ ନାହିଁ । ଯେବେ ଏପରି ହେଲା ତେବେ ଗବର୍ଣ୍ଣମେଣ୍ଟ କେଉଁ ନ୍ୟାୟ ଯୁକ୍ତିଦ୍ୱାରା ଲୋକଙ୍କଠାରୁ ଟାକ୍ସ ସ୍ୱରୂପ ଜଳକର ନେବା ପାଇଁ ଏତେ ତତ୍ପର ହୋଇଅଛନ୍ତି ।

---

ନାଳଜଳଦ୍ୱାରା କିପରିମାଣରେ ଉପକାର ହେବାର ସମ୍ଭାବନା ତାହା ଅଦ୍ୟାପି ସ୍ଥିର ହୋଇ ନାହିଁ ବୋଲିବାକୁ ହେବ କାରଣ ଏହା ସମ୍ପ-

Split by PDF Splitter

Digitized by srujanika@gmail.com

Split by PDF Splitter



କ୍ଷରେ ଯେତେ କଥା ବିପକ୍ଷରେ ସୁଦ୍ଧା ତେତେ କଥା ଶୁଣା ଯାଉଅଛି । ସହଜ ବର୍ଷରେ ନାଲ ଜଳର ଅଧିକ ଲୋଡା ହେଉ ନାହିଁ ଓ ଅନାବୃଷ୍ଟି ଦଶ ପାଞ୍ଚବର୍ଷରେ ଥରେ ଘଟେ ଓ ତହିଁରେ ନାଲ ଜଳଦ୍ୱାରା ଏତେ ଆୟ ହୁଅଇ ନାହିଁ ଯେ ନାଲ ନିର୍ମାଣରେ ବ୍ୟୟ ହୋଇଥିବା ଟଙ୍କାର ସୁଧ ଓ ନାଲ ରକ୍ଷା କରିବାର ଖର୍ଚ୍ଚା ଉଠିବ । କିନ୍ତୁ ଆମ୍ଭେମାନେ ସମ୍ପ୍ରତି ସମ୍ବାଦପତ୍ରମାନଙ୍କରେ ପାଠ କରୁଅଛୁଁ ଯେ ନାଲକାର୍ଯ୍ୟ ବିସ୍ତାର ପକ୍ଷରେ ଇଂଲଣ୍ଡର ଅନେକ ବିଖ୍ୟାତ ଲୋକ ଉପଦେଶ ଦେଉଅଛନ୍ତି । ମାନ୍ଦ୍ରାଜର ଦୁର୍ଭିକ୍ଷ ହେତୁ ଇଂଲଣ୍ଡର ମନ ଦୁର୍ଭିକ୍ଷ ନିବାରଣ ଦିଗକୁ ଆକୃଷ୍ଟ ହୋଇଅଛି ଓ ନାଲ ଏକମାତ୍ର ଉପାୟ ବୋଲି ବହୁତଲୋକ କହୁଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଗବର୍ଣ୍ଣମେଣ୍ଟ ନାଲକାର୍ଯ୍ୟ ବିସ୍ତାର କରିବା ପ୍ରସ୍ତାବକୁ ସାବଧାନପୂର୍ବକ ଗ୍ରହଣ କରିବେ । ନାଲର ଉପକାରିତା ଶୁଣିବାକୁ ଯେମନ୍ତ, କାର୍ଯ୍ୟରେ ତେମନ୍ତ ନୁହଇ ।

---

ପୁରୀଜିଲ୍ଲା ସ୍କୁଲ କମିଟିର ଗତମାସ ତା ୧୬ ରିଖରେ ଯେଉଁ ଅଧିବେଶନ ହୋଇ ଥିଲା ତହିଁର କାର୍ଯ୍ୟାବଳୀରୁ ଅବଗତ ହେଲୁଁ ଯେ "ପୁରୀଜିଲ୍ଲା ସ୍କୁଲର ଉଚ୍ଚଶ୍ରେଣୀୟ ଛାତ୍ରମାନେ ପୁରସ୍କାରାର୍ଥେ ପ୍ରବନ୍ଧ ଲେଖିବାନିମିତ୍ତ ଏହି ବିଷୟ ପ୍ରସ୍ତାବ କରାଗଲା ଯଥା ।

୧ ମ । କେଉଁ ସଦୁପାୟ ଦ୍ୱାରା ଜଣେ ଓଡିଶା ନିବାସି ଧନୋପାର୍ଜନ କରି ପାରେ ।

୨ ୟ । ସ୍ୱାଧୀନତା କି ପ୍ରକାରେ ସାଧନ ହୋଇ ପାରେ ।

୩ ୟ । ଅବିଭକ୍ତ ପରିବାରର ନିୟମ ଓ ତହିଁର ଫଳାଫଳ ।

୪ ର୍ଥ । କଟକ ନଗର ସହିତ ପୁରୀ ନଗରର ତୁଳନା ଓ ବର୍ଣ୍ଣନା ।

ଶେଷୋକ୍ତ ବିଷୟଟି ମଞ୍ଜୁରକରା ଗଲା । ସନ ୧୮୭୮ ସାଲ ଜାନୁଏରୀ ମାସ ତା ୩ ରିଖରେ ଏହି ପରୀକ୍ଷା ହେବ" ।

ପ୍ରଥମ ତିନିପ୍ରସ୍ତାବଠାରୁ ଚତୁର୍ଥଟି କେଉଁ ଅଂଶରେ ଉତ୍କୃଷ୍ଟ ଆମ୍ଭେମାନେ ସ୍ଥିରକରିପାରୁ ନାହୁଁ ଓ ଛାତ୍ରମାନେ କିଲେଖିବେ ତାହା ଦେଖିବାକୁ ବଡ କୌତୁକ ରହିଲା । ଆମ୍ଭେମାନେ ଅନୁମାନକରୁଁ ଏପ୍ରସ୍ତାବ ମନୋନୀତ କରିବାର ମୂଳ କେବଳ ବୃଥା ଅହଙ୍କାର ଅଟଇ ଓ ଛାତ୍ରମାନଙ୍କୁ ଅଜନ୍ତି ସେବାଟରେ ଚଳାଇବା ଉଚିତ ନୁହଇ ।

---

ଆସନ୍ତାବର୍ଷର ପ୍ରଥମଦିନରେ କଲିକତାରେ ଉତ୍ସବ ହେବ । ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ ଗ୍ରହଣର ବାର୍ଷିକଦିବସ ପାଳିବା ଏ ଉତ୍ସବର ଉଦ୍ଦେଶ୍ୟ ଅଟଇ । ସରକାରୀ ଅଟ୍ଟାଳିକାମାନଙ୍କରେ ଗବର୍ଣ୍ଣମେଣ୍ଟ ରୋଷନାଇ କରିବେ ଓ ମିଉନିସିପାଲିଟି ମଧ୍ୟ ଏପ୍ରକାର ଆପଣା ଅଟ୍ଟାଳିକାମାନ ରୋଷନାଇ କରିବେ । ଏପରି ମିଉନିସିପାଲିଟି ଘୋଷଣା ଦେଇଅଛନ୍ତି ଯେ ଲୋକମାନେ ମଧ୍ୟ ଆପଣା ଘରେ ରୋଷନାଇ କରି ଏ ପର୍ବକୁ ପ୍ରତିପାଳନ କରିବେ । ଆମ୍ଭେମାନେ ଶୁଣୁଅଛୁଁ ଯେ ମୋଫସଲ ନଗରମାନଙ୍କରେ ଏହିପରି ଉତ୍ସବ ହେଉ ଏମନ୍ତ ଗବର୍ଣ୍ଣମେଣ୍ଟଙ୍କର ବାସନା ଓ ସେବିଷୟରେ କିଛି ଲେଖାପଡି ମଧ୍ୟ ଆସିଅଛି । ମାତ୍ର ସ୍ଥାନୀୟ ହାକିମମାନେ ଅବଧି ତହିଁର କିଛି ଉଦ୍ୟମ କରି ନାହାନ୍ତି ଓ ଆମ୍ଭମାନଙ୍କ ବିବେଚନାରେ ସେହା ଭଲ ହୋଇଅଛି । ଗତବର୍ଷ ଉତ୍ସବ ପର୍ବରେ ଯେଉଁ ଦୁଃଖମାନ ଉପସ୍ଥିତ ହେଲା ତହିଁସକାଶେ ଲୋକେ ବ୍ୟସ୍ତ ହୋଇଅଛନ୍ତି । ଯେ ଯାହାପରି ଟଙ୍କା ବ୍ୟୟ କଲେ ସୁଦ୍ଧା ସୁଫଳ ହେଉ ନାହିଁ । ଏ ଉତ୍ତାରୁ ଲୋକଙ୍କୁ ଆଉ ବ୍ୟୟ କରିବାକୁ କହିବା ଭଲ ନୁହଇ । ସ୍ୱେଚ୍ଛାରେ ସବୁ ହୋଇପାରେ ମାତ୍ର ଆନ୍ତରିକପ୍ରୀତି ମନରୁ ଯେବେ ନ ହେଲା ତେବେ ତହିଁରେ ଫଳ କି ଅଛି? ସୁତରାଂ ଏ ନଗରରେ କିଛି ବାର୍ଷିକଦିବସ ପାଳିବା ସକାଶେ ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ । ଏ ଦିବସ ଶ୍ରୀଯୁକ୍ତ କମିଶ୍ନର ରେବନ୍‌ସା ସାହେବ ଅଧିକ୍ୟ ଦେଶୀୟ ଓ ବିଦେଶୀୟ ଭଦ୍ରଲୋକଙ୍କୁ ଅନୁରୋଧ କରି ସମସ୍ତେ ମିଶି ଦୁଇ ଏକଘଣ୍ଟା ଆମୋଦ ପ୍ରମୋଦରେ କଟାଇବାକୁ ସ୍ଥିର କରିଅଛନ୍ତି ଓ ତହିଁ ଆରଦିନ ବାବୁ ଜଗନ୍ମୋହନ ଗୁପ୍ତ ମଧ୍ୟ ଆପଣା ଘରଠାରେ ମଜଲିସ କରି ଇଂରାଜ ଓ ଦେଶୀୟ ଭଦ୍ରଲୋକଙ୍କୁ ଯେନ ଆମୋଦ କରିବାର ଉଦ୍ୟମରେ ଅଛନ୍ତି । ଆମ୍ଭେମାନେ ବୋଧ କରୁଁ ଏହି ଦୁଇ କାର୍ଯ୍ୟଦ୍ୱାରା ବାର୍ଷିକଉତ୍ସବ ଯଥେଷ୍ଟରୂପେ ହେବ । ଆଉ ରୋଷନାଇ ବାଜି ଇତ୍ୟାଦିର ପ୍ରସ୍ତାବରେ ଲୋକଙ୍କୁ ହରବର କରିବାର କୌଣସି ପ୍ରୟୋଜନ ନାହିଁ ।

---

ଗତ ଗୁରୁବାର ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ସଭରେ ମାନ୍ୟବର ସର୍ ଷ୍ଟ୍ରାଚି ସାହେବ ଦୁର୍ଭିକ୍ଷ ବ୍ୟୟ ପୂର୍ତ୍ତି କରିବା ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ଉପାୟ ଅବଲମ୍ବନ କରିବାର ଆବଶ୍ୟକ ତହିଁର ପ୍ରସ୍ତାବ କରିଥିବେ । ସେ ଉପାୟଟି କି ଜଣା ପଡିବାର ସମୟ ହୋଇ ନାହିଁ ଆଉ ଦୁଇ ଏକଦିନରେ ଜଣା ଯିବ । ଉପାୟଟି ଅବଶ୍ୟ କୌଣସି ନୂତନ ଟାକ୍ସ ବସାଇବା, ମାତ୍ର କିପ୍ରକାର ଟାକ୍ସ ନିଶ୍ଚୟ ବୋଲିଯାଇ ନ ପାରେ । ଜନରବ ଏହି ଯେ ଇନ୍‌କମଟାକ୍ସ ଅଥବା ଲାଇସେନ୍ସଟାକ୍ସ ବସିଥିବ । ଟାକ୍ସର ନାମ ଯାହା ହେଉ ଟଙ୍କା ଦେବାକୁ ପଡିବ ଏଥିରେ ସନ୍ଦେହ ନାହିଁ ଓ ବର୍ତ୍ତମାନ ସମୟରେ ତାହା କେମନ୍ତ ସୁଖକର ସହଜରେ ଅନୁମାନ ହୋଇପାରେ । ମାନ୍ଦ୍ରାଜ ଓ ବମ୍ବେଇରେ ଲୋକେ ଦୁର୍ଭିକ୍ଷ ପୀଡାରେ କାତର ହୋଇଅଛନ୍ତି ଓ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରେ ପ୍ରକୃତ ଦୁର୍ଭିକ୍ଷ ନ ହେଲେହେଁ ଲୋକମାନେ ଅତ୍ୟନ୍ତ ଉଚ୍ଚ ମୂଲ୍ୟରେ ଖାଦ୍ୟ ଦ୍ରବ୍ୟ କିଣି ଅସ୍ତବ୍ୟସ୍ତ ହୋଇଅଛନ୍ତି । ଓଡିଶାର କଥା ତହିଁ ବଳେ । ଏଠାରେ ରୋଡସେସ ଓ ପ୍ରବନସିଆଲସେସ ଛଡା ଜଳକର ଦେବାର ଚିନ୍ତା ସମସ୍ତଙ୍କୁ ଅସ୍ଥିର କରିଅଛି । ଏ ଉତ୍ତାରୁ ଆଉ ଗୋଟିଏ ଟାକ୍ସ ଦେବାକୁ ହେବ । ଯେପରି ବ୍ୟସ୍ତ ହୋଇ ସ୍ୱକଚିବ ଏ ଆଇନର ପ୍ରସ୍ତାବ କରିଅଛନ୍ତି ତହିଁରୁ ନିଶ୍ଚୟ ବୋଧ ହୁଅଇ ନୂତନ ଟାକ୍ସ ଆସନ୍ତା ଜାନୁଏରୀ ମାସଠାରୁ ଆରମ୍ଭ ହେବ । ଗବର୍ଣ୍ଣମେଣ୍ଟ ପ୍ରଥମ ବ୍ୟୟ ଊଣା କରିବାର ଚେଷ୍ଟା ନ କରି ଟାକ୍ସ ବସାଇବାକୁ ସ୍ଥିର କଲେ ବଡ ଦୁଃଖର ବିଷୟ ଅଟଇ । ଗବର୍ଣ୍ଣମେଣ୍ଟଙ୍କର ଟଙ୍କା ନିତାନ୍ତ ପ୍ରୟୋଜନ ହେଲେ ଟାକ୍ସଦ୍ୱାରା ଲୋକଙ୍କଠାରୁ ତାହା ଆଦାୟ କରିବେ ଏଥିରେ କାହାର ଆପତ୍ତି କରିବାର କଥା ନାହିଁ କିନ୍ତୁ ଯେ ସ୍ଥଳେ ସର୍ବସାଧାରଣଙ୍କ ମତ ଏହି ଯେ ବ୍ୟୟ ଊଣା କରିବାର ଅନେକ ବାଟ ଅଛି ସେ ସ୍ଥଳେ ପ୍ରଥମେ ବ୍ୟୟ ଲାଘବ ପକ୍ଷରେ ଯତ୍ନ ନ କରି ନୂତନ ଟାକ୍ସ ବସାଇବାକୁ ଚେଷ୍ଟା କରିବା ବଡ ଦୁଃଖରବିଷୟ ଅଟଇ ଏବଂ କୌଣସିରୂପେ ବର୍ତ୍ତମାନ ସମୟରେ ଟାକ୍ସ ବସାଇବା ଉଚିତ ବୋଧ ହେଉ ନାହିଁ ।

---

ସନ ୧୮୭୭ ସାଲ ଆଉ ଦୁଇ ଦିନରେ ଗତ ହୋଇ ଯିବ କିନ୍ତୁ ଦୀର୍ଘକାଲ ପର୍ଯ୍ୟନ୍ତ

Digitized by srujanika@gmail.com

ସ୍ମରଣ ରହିବ ଶ୍ରୀମତୀ ଇଂଲଣ୍ଡେଶ୍ୱରୀ ଏ ବର୍ଷ ଆରମ୍ଭଦିନ ଭାରତେଶ୍ୱରୀ ପଦ ଗ୍ରହଣ କରିବାରୁ ଏବର୍ଷର ମହାତ୍ମ୍ୟ ଅଧିକ ବୃଦ୍ଧି ହୋଇ ଅଛି । ଭାରତବାସିମାନେ ଏ ଶୁଭ ଘଟନାକୁ ଯଥୋଚିତ ଉତ୍ସବ ସହିତ ପ୍ରଚାର କରିବା କାରଣ କେତେ ଆନନ୍ଦଜନକ ବ୍ୟାପାରର ଅନୁଷ୍ଠାନ କରିଥିଲେ । ଲୋକଙ୍କର ଆନନ୍ଦର ସୀମା ରହିଲା ନାହିଁ । ଦିଲ୍ଲି ଦରବାର ଛଡ଼ା ଛଲା ଓ ନଗର୨ରେ ଦରବାର ଓ ଉତ୍ସବମାନ ହେଲା ଓ ଲୋକଙ୍କ ମନରେ ଏହି ବିଶ୍ୱାସ ହେଲା ଯେ ଏଣିକି ସମସ୍ତ ଦୁଃଖ ଦୂର ହେଲା ଭାରତବାସିମାନେ ଏତେ ଦିନରେ ଆପଣାର ରାଜାଙ୍କୁ ପ୍ରାପ୍ତ ହେଲେ ଏଣିକି କେବଳ ଆନନ୍ଦରେ ଦିନ କଟିବ ମାତ୍ର ସେ ଆନନ୍ଦ କାହିଁ । ବର୍ତ୍ତମାନ ସ୍ୱପ୍ନବତ୍ ବୋଧ ହେଉ ଅଛି ଦଇବ ତାହାଁର ପ୍ରତିକୂଳ ହେଲା । ସୁଖ ପରିବର୍ତ୍ତେ ଏମନ୍ତ ଦୁଃଖମାନ ଉପସ୍ଥିତ ହେଲା ଯେ ତାହାଁର ଦାଉ ଅବଧି ଗତ ନାହିଁ । ଯୁଦ୍ଧ ଦୁର୍ଭିକ୍ଷ ରୋଗ ପ୍ରଭୃତି ଦୈବ ଦୁର୍ଘଟନାମାନ ଏକା ବେଳକେ ଉପସ୍ଥିତ ହୋଇ ବହୁ ପ୍ରାଣିନାଶ କଲା ଏବଂ ଯେଉଁମାନେ ବଞ୍ଚି ରହିଲେ ତାହାଙ୍କର ମନ ସର୍ବଦା ଚିନ୍ତାରେ ବୁଡ଼ି ରହିଲା । ଅନ୍ୟାନ୍ୟ ରାଜ୍ୟର ଯୁଦ୍ଧ ଓ ଅଶାନ୍ତି ସକାଶେ ଯେମନ୍ତ ଭାରତବର୍ଷର ଭୟ ହେଉ ଅଛି ନିଜ ରାଜ୍ୟର କଷ୍ଟ ତାହିଁରୁ ଅଧିକ ହୋଇ ଅଛି । ଧାନ ଚାଉଳର ଅତିରିକ୍ତ ଦାର ବାର ଲଗି ଅଛି ମାତ୍ର ଅଧିକାଂଶ ଲୋକ ପେଟ ପୂରାଇ ଖାଇ ପାରୁ ନାହାନ୍ତି । ଟଙ୍କାର ଦାରଦାର ଅଧିକ ହେଉ ଅଛି କିନ୍ତୁ ପୂର୍ବପରି ଟଙ୍କାର ବଳ ନାହିଁ । ଋତୁମାନ ଯଥା ସମୟରେ ଆପଣା କାର୍ଯ୍ୟ କରୁ ନାହାନ୍ତି ଓ ସଂକ୍ରାମକ ରୋଗମାନ ବର୍ଷଯାକ ସମ୍ପୂର୍ଣ୍ଣ ବିକ୍ରମ ପ୍ରକାଶ କରି ଅଛନ୍ତି ଦୈବୀ ଦୁର୍ଘଟନା ସଙ୍ଗେ ଏଣିକି ଗବର୍ଣ୍ଣମେଣ୍ଟ ମଧ୍ୟ ଯୋଗ ଦେବାକୁ ଆରମ୍ଭ କଲେଣି । ନାନା ପ୍ରକାର କରବୃଦ୍ଧିଦ୍ୱାରା ଲୋକଙ୍କୁ ଅଥୟ କଲେଣି । ଏହିବର୍ଷ ମଧ୍ୟରେ ପ୍ରବଳସିମ୍ୟାଲ କର ବସିଲା । ବଳପୂର୍ବକ ଜଳକର ନେବାର ପ୍ରସ୍ତାବ ବିବେଚ୍ୟାଧୀନ ରହିଅଛି । ଷ୍ଟାମ୍ପ ମାସୁଲ ବୃଦ୍ଧି ହେବାର ଉଦ୍ୟମ ଲାଗିଅଛି ଏବଂ କଲିକତାରେ ନୂତନ ଗୋଟିଏ ଟାକ୍ସର ସୃଷ୍ଟି ହୋଇଥିବ । ଏହିପରି ଦେଖା ଯାଏ ଯେ ସନ ୧୮୭୭ ସାଲକୁ ଯେତେ ଉଲ୍ଲାସରେ ଆମ୍ଭେମାନେ ଆହ୍ୱାନ କରିଥିଲୁଁ ତାହାଁର ଚତୁର୍ଗୁଣ କାନ୍ଦିବାକୁ ହେଲା । ବର୍ଷଟି କୌଣସି ରୂପେ ଶେଷ ହେଲା ସତ୍ୟ କିନ୍ତୁ କ୍ରନ୍ଦନର ଶେଷ କେବେ ହେବ ବୁଝା ଯାଇ ନ ପାରେ ।

---

ସମ୍ବାଦପତ୍ରମାନଙ୍କରେ କଥିତ ହୁଅଇ ଯେ ତୁରସ୍କର ସୁଲତାନ ଦିନେ ସ୍ୱପ୍ନ ଦେଖିଲେ ଯେ ହଜରତମହମ୍ମଦ ତାହାଙ୍କୁ ଦେଖା ଦେଲେ ଓ କହିଲେ କି କେବଳ ସନ୍ଧିଦ୍ୱାରା ଇସଲାମଙ୍କ ଧର୍ମ ଓ ସୁଲତାନଙ୍କ କ୍ଷମତା ରକ୍ଷା ହୋଇ ପାରିବ । ସୁଲତାନ ଆପଣାର ପ୍ରଧାନ ଜ୍ୟୋତିଷଙ୍କ ସହିତ ଏ ସ୍ୱପ୍ନବିଷୟରେ ପରାମର୍ଶ କରିବା ବେଳେ ଜାଣିଲେ ଯେ ଜ୍ୟୋତିଷ ମଧ୍ୟ ସେହି ସ୍ୱପ୍ନ ଦେଖିଅଛନ୍ତି । ଏହି ଆଶ୍ଚର୍ଯ୍ୟ ଘଟନା ସେଖଉଲ ଇସଲାମଙ୍କ ଗୋଚର ହେବାରେ ସେ ଏ କଥା ସମସ୍ତ ମସଜିଦରେ ପ୍ରଚାର କରିବା କାରଣ ଆଦେଶ ଦେଲେ ଯେ ତାହିଁରେ ସର୍ବସାଧାରଣଙ୍କ ମନ ସନ୍ଧିର ପ୍ରସ୍ତାବ ଗ୍ରହଣ କରିବାକୁ ପ୍ରସ୍ତୁତ ହେବ । ଆମ୍ଭମାନଙ୍କ ବିବେଚନାରେ ହଜରତମହମ୍ମଦଙ୍କ ପରାମର୍ଶଟି କାଲୋଚିତ ହୋଇଅଛି ମାତ୍ର ଏତିକି ସଂଶୟ ହେଉ ଅଛି ଯେ ଏକହାତରେ ଅସ୍ତ୍ର ଓ ଏକହାତରେ କୋରାନ ଧେନି କାଫରମାନଙ୍କ ବିନାଶସାଧନ ଯାହାଙ୍କର ଦୀକ୍ଷା ଥିଲା ସେ ବର୍ତ୍ତମାନ କିପରି କାଫରଙ୍କ ସଙ୍ଗେ ସନ୍ଧି କରିବାକୁ ଉପଦେଶ ଦେଲେ ? ବୋଧ ହୁଅଇ ଅତ୍ୟନ୍ତ ବୁଢା ହେବାରୁ ଆଉ ଯୁଦ୍ଧକୁ ସାହସ ହେଉ ନାହିଁ ସୁତରାଂ ଶାନ୍ତପ୍ରକୃତି ଧାରଣ କରିଅଛନ୍ତି । ଯାହା ହେଉ ଯୁଦ୍ଧସମ୍ପର୍କରେ ଯେ ସମସ୍ତ ସମ୍ବାଦ ତାରଡାକରେ ଆସିଅଛି ତାହିଁରୁ ଜଣାଯାଏ ଯେ ସନ୍ଧି କରିବା ନିମିତ୍ତ ସୁଲତାନ ସମ୍ପୂର୍ଣ୍ଣ ଇଚ୍ଛୁକ । ସେ ଏଥିର ମଧ୍ୟସ୍ଥ ହେବା କାରଣ ଇଉରୋପର ସମସ୍ତ ରାଜ୍ୟକୁ ଅନୁରୋଧ କରିଅଛନ୍ତି ମାତ୍ର କେବଳ ଇଟାଲି ଏ ପ୍ରସ୍ତାବରେ ସମ୍ମତ ହୋଇ ଥିବାର ଜଣାଯାଏ ଓ ଜର୍ମାନି ଏବଂ ଅଷ୍ଟ୍ରିୟା ମଧ୍ୟସ୍ଥ ହେବାକୁ ଅସମ୍ମତ ହୋଇଅଛନ୍ତି । ଏରୂପେ ଶୀଘ୍ର ସନ୍ଧି ହେବାର ଆଶା ଦେଖା ଯାଉ ନାହିଁ । ଇଂଲଣ୍ଡ ସନ୍ଧିସ୍ଥାପନ ବିଷୟରେ ଅଧିକ ଯତ୍ନବାନ୍ ହେବେ ସନ୍ଦେହ ନାହିଁ ମାତ୍ର କିରୂପେ ତାହା ହେବ ଅଦ୍ୟାପି ସ୍ଥିର ହୋଇ ନାହିଁ ବାସ୍ତବରେ ରୁଷର ଯେତେ ପରାଜୟ ହେଉଅଛି ଇଂଲଣ୍ଡର ସେତେ ଚିନ୍ତା ବଢୁଅଛି କିପ୍ରକାରରେ ଏ ଯୁଦ୍ଧ ଶୀଘ୍ର ଶେଷ ହେବ ଓ ନ ହେଲେ ଇଂଲଣ୍ଡକୁ କି କରିବାକୁ ହେବ ଏଥିରେ ବିଷୟର ସର୍ବଦା ଲାଗି ରହିଅଛି । ଏହି ବିଷୟର ମୀମାଂସା ସକାଶେ ପାର୍ଲିମେଣ୍ଟ ସଭା ଏଥର ଶୀଘ୍ର ଅର୍ଥାତ୍ ଆଗାମୀ ମାସ ତା ୧୭ ରିଖରେ ବସିବ । କେବଳ ଟାଇମସ୍ ଛଡ଼ା ଅନ୍ୟାନ୍ୟ ସମସ୍ତ ସମ୍ବାଦପତ୍ରମାନଙ୍କର ମତ ଏହି ଯେ ସଭା ବସିଲା ମାତ୍ରରେ ସୈନିକ ବ୍ୟୟ ସକାଶେ ଅଧିକା ଟଙ୍କା ମଞ୍ଜୁର କରାଇବା କାରଣ ସଭାରେ ପ୍ରାର୍ଥନା ହେବ ଏବଂ କନଷ୍ଟାଣ୍ଟିନୋପଲର ରକ୍ଷା ସକାଶେ ଇଂରେଜ ରଣତରୀ ସେଠାକୁ ପ୍ରେରିତ ହେବ । ଏ ସବୁ ବଡ ଭୟାନକ କଥା ଅଟଇ ଓ ଏଥିରୁ ସମ୍ଭବ ହୁଅଇ ଯେ ଇଉରୋପର ଯୁଦ୍ଧ ଶୀଘ୍ର ଶେଷ ନ ହୋଇ ବରଂ ଆହୁରି ଭୀଷଣମୂର୍ତ୍ତି ଧାରଣ କରିବ ।

# ସାପ୍ତାହିକସଂବାଦ ।

ଏଠାର ଏକଟିଂ କଲେକ୍ଟର ବିଡନ ସାହେବ ରେଜଷ୍ଟରୀ ମହକୁମାର ଇନ୍‌ସ୍ପେକ୍ଟର ଜେନରଲ ହୋଇଅଛନ୍ତି । ଏପଦର ବେତନ ଟ ୧୮୦୦ଙ୍କା ବୋଲି କଥିତ ହୁଅଇ ।

ଶ୍ରୀଯୁକ୍ତ ବିଡନ ସାହେବ ଗତ ବଡଦିନ ଦିବସରେ ଏନଗର ଦୁଃଖୀ ଖ୍ରୀଷ୍ଟିୟାନମାନଙ୍କୁ ଆମନ୍ତ୍ରଣ କରି ଖୁଆଇଥିଲେ । ଏଥିରେ ତାହାଙ୍କର ଦୟା ଓ ଧର୍ମଭାବ ଦେଖି ଲୋକେ ମୋହିତ ହୋଇଅଛନ୍ତି ।

ଦର୍ପଣରୁ ଅବଗତ ହେଲୁଁ ଯେ ଜଣେ ଗୁଲିଖୋର ଗୁଲି ଓଁଷାରୁ ହାତରେ ହୁକା ମୁହଁରେ ନଳ ଧେନି ସ୍ୱର୍ଗଧାମକୁ ଯାଇଅଛି । ଶୁଣିଲୁଁ ସେ ଦୁଇଦିନ ଗୁଲି ଖାଇ ନ ଥିଲା । ଧନ୍ୟ ଏହାର ଗୁଲି ଖାଇବା । ସ୍ୱଦେହରେ ସ୍ୱର୍ଗକୁ ଚାଲିଗଲା ଏହିସକାଶେ ଗୁଲିର ମହିମା ଏଣିକି ବୃଦ୍ଧି ହେଉଅଛି କି ?

ବାଲେଶ୍ୱରରେ ଚଳିତମାସ ତା ୧୭ ରିଖ ଗୁରୁବାରରେ ଭୂମିକମ୍ପ ହୋଇଥିଲା । ଏ ଅଞ୍ଚଳକୁ ତାହା ଜଣାଯାଇ ନାହିଁ ।

ଏଠାରେ ଧାନ ଚାଉଳର ଦର କ୍ରମଶଃ ଉଚ୍ଚ ହେଉଅଛି । ଏଥିପୂର୍ବେ ଧାନ ଟଙ୍କାରେ ସେ ୩୨ ର ଥିଲା ବର୍ତ୍ତମାନ ସେ ୩୦ ର ହୋଇଅଛି । ବାଲେଶ୍ୱରରେ ଚାଉଳ ମହଣ ଟ ୨୷୵ ହୋଇଅଛି ।

ଶ୍ରୀମତିଭାରତେଶ୍ୱରୀଙ୍କ ପଦଗ୍ରହଣର ବାର୍ଷିକ ଉତ୍ସବ ଉପଲକ୍ଷରେ ଢାକାର ନବାବ ଗାଜା ଉସାଲତଲା ଆଗାମି ମାସ ତା ୧ ରିଖରେ ଉକ୍ତ ନଗରରେ ଗୋଟିଏ ଯାତ୍ରା କରିବେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଯାହାରେ ନାନାପ୍ରକାର କ୍ରୀଡ଼ା କୁସ୍ତି ମେଣ୍ଢା ଲଢ଼ାଇ ଇତ୍ୟାଦ ହେବ । ଯେଉଁମାନେ କୁସ୍ତି ଓ ଲଢ଼ାଇରେ ବ୍ୟୁତ୍ପତ୍ତି ଦେଖାଇବେ ସେମାନଙ୍କୁ ପାରିତୋଷିକ ଦଆଯିବ । ଏହିପର ଯାହାର ଅନୁଷ୍ଠାନ ସବଂସରେ ହେବାର ଉଚିତ ।

୧ । ସୁଲଭସମାଗ୍ଭରରୁ ଅବଗତ ହେଲୁଁ ଯେ ଜନ୍ମାନ୍ଧ ବ୍ୟକ୍ତିମାନଙ୍କ ଶିକ୍ଷା ନିମିତ୍ତ ଇଂରାଜମାନେ ଆପଣାଦେଶରେ ଯେଉଁ ସକଲ ସ୍କୁଲ କରି ଅଛନ୍ତି ତାହାଦ୍ୱାରା ଶତ ଶତ ଅନ୍ଧ ବିଦ୍ୱାନ୍ ହୋଇ ଯାଉ ଅଛନ୍ତି । ଏମାନଙ୍କ ନିମନ୍ତେ କେବଳ ଗୋଟିଏ କଲେଜ ସ୍ଥାପିତ ହୋଇଅଛି ଜଣେ ଅନ୍ଧ ବି, ଏ, ପାଶ କରି ଏହି କଲେଜର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇ ଅଛନ୍ତି । ଚକ୍ଷୁ ଗଲେ ଯେ ମନୁଷ୍ୟର ବୁଦ୍ଧିଶକ୍ତି ଅନ୍ଧ ହୋଇ ରହିବ ତାହା କୌଣସି କାର୍ଯ୍ୟର କଥା ନୁହଇ । ଅନ୍ୟାନ୍ୟ ବାହ୍ୟେନ୍ଦ୍ରିୟ ସାହାଯ୍ୟରେ ବାହାରର ଜ୍ଞାନ ଇଂରଜମାନେ ମନଭିତରେ ପ୍ରବେଶ କରି ଦଅନ୍ତି । ଆମ୍ଭମାନଙ୍କ ଦେଶର ଶତ ସହସ୍ର ଲୋକ ଚକ୍ଷୁ ଥିଲେ ମଧ କଣା ହୋଇ ରହି ଅଛନ୍ତି ।

୨ । ଖ୍ୟେନଦେଶର ରାଜା ଦିନେ ଖଣ୍ଡିଏ କୌଣସି ତତ୍ତ୍ୱଜ୍ଞାନପୂର୍ଣ୍ଣ ଗ୍ରନ୍ଥ ପାଠ କରୁ କରୁ ହଠାତ୍ ରାଜ୍ୟ ଏବ ସଂସାର ପରିତ୍ୟାଗକରି ସନ୍ନ୍ୟାସୀ ହୋଇ ଅଛନ୍ତି । ଏତେବେଳେ ମଧ ରୂପା ଧର୍ମ ଅଛି ।

୩ । ମେଦନୀପୁରର ଧନାଢ୍ୟ ଜମିଦାର ବାବୁ ଜନ୍ମେଜୟ ମଲ୍ଲିକ ରାସ ଉପଲକ୍ଷେ ଗୋଟିଏ ସୁଆଙ୍ଗ କରିଥିଲେ, ସୁଆଙ୍ଗଟି ଏହି; ମହାଦେବ ଧ୍ୟାନ କରୁଅଛନ୍ତି । ମଦନ ତାହାଙ୍କ ଧ୍ୟାନ ଭଙ୍ଗ କରିବା ନିମନ୍ତେ ତାହାଙ୍କୁ ଶର ସନ୍ଧାନ କରୁଅଛନ୍ତି ଓ ଗୋଟିଏ ସ୍ତ୍ରୀଲୋକ ସମ୍ପୂର୍ଣ୍ଣ ଉଲଙ୍ଗ ହୋଇ କୁତ୍ସିତଭାବରେ ମହାଦେବଙ୍କ ସମ୍ମୁଖରେ ଠିଆ ହୋଇଅଛି । ଅଶିଷ୍ଟଣ୍ଟ ଉର୍କ୍ତିଙ୍କ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଗଦାଧର ଖାଁ ଏହି ସୁଆଙ୍ଗ ଦେଖି ଅଶ୍ଳୀଲସୁଆଙ୍ଗ ବୋଲି ନାଲିଶ ଚଲାଇଲେ । ଜମିଦାର ବାବୁ ପ୍ରଥମେ କହିଦେଲେ ଯେ ଉଲଙ୍ଗ ସ୍ତ୍ରୀଲୋକଟି ରତିଦେବୀ, ଆଉ ପ୍ରମାଣ କରିବାକୁ ଚେଷ୍ଟା କରୁଅଛନ୍ତି ଯେ ତାହା କଷ୍ଟିର ମୋହିନୀମୂର୍ତ୍ତି; ସୁହେଁ ଶାସ୍ତ୍ରର କଥା ଓ ଧର୍ମର ଅଙ୍ଗ ଅଶ୍ଳୀଲପ୍ରତିମୂର୍ତ୍ତି ନୁହେ । ବାବୁ କାଳୀପ୍ରସନ୍ନ ରାୟ ଚୌଧୁରୀ ଡେପୁଟୀମାଜିଷ୍ଟ୍ରେଟଙ୍କ ନିକଟରେ ବିଗ୍ଭର ହେଉ ଅଛି । ବିଗ୍ଭରରେ ଯାହା ହେବ ପରେ ଲେଖିବୁଁ ।

୪ । ଫରାସୀଦେଶର ଏକସ୍ଥାନରେ ଗୋଟିଏ ସେମାନଡଂଥଲିଜ ନନ୍ ( ଅବିବାହିତା ଚିରକୁମାରୀ ଏବ ପରସେବାରେ ନିଯୁକ୍ତ ) ପାଞ୍ଚୋଟି ସାନ ପିଲାଙ୍କ ସେବା କରୁଥିଲେ । ଦିନେ ଗୋଟାଏ ଭୟଙ୍କର କୁକ୍କୁର ସେହି ବାଳକମାନଙ୍କୁ କାମୁଡ଼ିବାକୁ ଆସନ୍ତେ ନନ୍ ତାହା ସମ୍ମୁଖରେ ଠିଆ ହେଲେ, କୁକ୍କୁର ତାହାଙ୍କୁ ପଦରଜାଗା କାମୁଡ଼ି ଘାଆ କରି ଦେଲା । ସେ କୁକ୍କୁରକୁ କୁଣ୍ଢାଇ ଧରି ଧୂଳରେ ଗଡ଼ାଗଡ଼ି ଦେବାକୁ ଲାଗିଲେ, ପିଲାମାନେ ଭୟରେ ଚିତ୍କାର କରି ଉଠିଲେ, ତହିଁରେ କୁକୁର ଆହୁରି କ୍ରୁଦ୍ଧ ହୋଇ କାମୁଡ଼ିବାକୁ ଅସିଲା । ନନ୍ ଯେତେବେଳେ ଏହିପରି ଅବସ୍ଥାରେ ଥିଲେ ଏମନ୍ତ ସମୟରେ ଜଣେ କୃଷକ ଆସି କୁକ୍କୁରକୁ ମାରି ପକାଇଲା । ନନଙ୍କ ମୃତ୍ୟୁ ସମୟରେ ସେ ଏହା କହି ଆନନ୍ଦ ପ୍ରକାଶ କଲେ ଯେ ଅମ୍ଭେ ଆପଣା ପ୍ରାଣ ଦେଇ ଅସହାୟ ଶିଶୁମାନଙ୍କୁ ରକ୍ଷା କରିଅଛୁଁ । କେମନ୍ତ ଚମତ୍କାର ଦୃଷ୍ଟାନ୍ତ !

ଗଞ୍ଜାମର ଡେପୁଟି ମାଜିଷ୍ଟ୍ରେଟ ବାବୁ ପ୍ରତାପ ଚନ୍ଦ୍ର ଗ୍ଭଟୁର୍ଯ୍ୟା ମା ୨ ସ ସଷ୍ପେଣ୍ଡ ହୋଇ ଅଛନ୍ତି ଏବ ଏହି ଗ୍ରେଡ଼ ଓଲ୍ହାଇ ଅସିଅଛନ୍ତି । କେଉଁ ଅପରାଧରୁ ଏପରି ହେଲା କିଛି ଜଣା ଯାଇ ନାହିଁ

ଦୁର୍ଭିକ୍ଷ ସାହାଯ୍ୟ କର୍ମରେ ନିଯୁକ୍ତ ଥିବା କର୍ମଗ୍ଭରିଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାମରେ ଏଥି ମଧ୍ୟରେ ଟଙ୍କା ଆତ୍ମସାତ୍ କରିବାର ଅଭିଯୋଗ ହୋଇ ଅଛି । ଏମାନେ ବେଲେଶ୍ୱର ଜିଲ୍ଲାରେ କର୍ମ କରୁଥିଲେ । ମୋକଦ୍ଦମାର ଅନୁସନ୍ଧାନ ହେଉ ଅଛି ।

ଶ୍ରୀ ଜ,ସି,ଘାଲ୍ ସାହେବ ଏବ ଶ୍ରୀ ଇ,ସି,ମାର ଗାନ ସାହେବ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲଙ୍କ ବ୍ୟବସ୍ଥାପକ ସଭାର ଅତିରିକ୍ତ ସଭ୍ୟ ନିଯୁକ୍ତ ହୋଇ ଅଛନ୍ତି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀ ଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଶ୍ରୀ ଯୁକ୍ତ ଦ୍ୱାରିକାନାଥ ଚକ୍ରବର୍ତ୍ତିଙ୍କ କୃତ କ୍ଷେତ୍ର ପରିମାଣ ବହିରେ ଯେସକ୍ତ ଅଙ୍କଅଛି ତାହାମଧ୍ୟରୁ ଅନେକର ଫଳ ଭୁଲ ଓ କେତେକର ନିୟମ ପ୍ରଦତ୍ତ ନଥିବାରୁ ମଫସଲ୍ ପାଠଶାଳର ଶିକ୍ଷକ ମାନଙ୍କ ପକ୍ଷରେ ଅତଶୟ କଷ୍ଟକର ହେଉଅଛି ଅର୍ଥାତ୍ ସେମାନେ ଅଙ୍କ ଯଥାର୍ଥ କଷିଥିଲେହେଁ ବହିର ଫଳର ସହିତ ଫଳ ନମିଳିବାରୁ ଓ ନିୟମ ହୀନ ଉଦାହୃତ ଅଙ୍କମାନଙ୍କର ନିୟମ ନ ପାଇବାରୁ ଅନେକ ଲୋକଙ୍କୁ ପଗ୍ଭରୁଅଛନ୍ତି ଓ ସନ୍ଦିଗ୍ଧହେଉଅଛନ୍ତି ଅତଏବ ଗ୍ରନ୍ଥକର୍ତ୍ତା ମହାଶୟଙ୍କୁ ଅନୁରୋଧ ଯେ ସେ ଉକ୍ତପୁସ୍ତକର ଅନ୍ତର୍ଗତ ଅଶୁଦ୍ଧ ସବୁ ସଂଶୋଧନ ଓ ନିୟମ ବିହୀନ ଅଙ୍କର ନିୟମ ଦେଇ ଗୋଟିଏ ପତ୍ରିକା ଉକ୍ତ ପୁସ୍ତକସଙ୍ଗେ ଦେଲେ ସାଧାରଣର ଉପକାରରେ ଅସିବ ଇତି ।

୨୯ । ୧୧ ।୬୭ } ଶ୍ରୀ
କଟକ }

## ବିଜ୍ଞାପନ ।

### ନୂତନପଞ୍ଜିକା ।

ସନ ୧୮୭୮ । ୭୯ ମସିହାର ନୂତନପଞ୍ଜିକା ପ୍ରାୟ ଛପା ଶେଷ ହେଲଣି ଆଗାମୀ ସପ୍ତାହରେ ବାହାରିବ ତହିଁର ମୂଲ୍ୟ ଟ ୦ ୲୵ ଓ ମଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଭିନ୍ନ ପ୍ରତିଖଣ୍ଡ ଟ ୦ ୵ ଲେଖାଏ ଡାକମାସୁଲ ପଡ଼ିବ ।

ଯେ କେହି ୧୦୦ ଖଣ୍ଡ ବା ତହିଁରୁ ଅଧିକ ନଗଦ ମୂଲ୍ୟରେ ଖରିଦ କରିବେ ତାହାଙ୍କୁ ଶତକରା ଟ ୧୫ ଙ୍କା ଲେଖାଏ କମିସନ ଦଆଯିବ ।

। ପ୍ର । ବାଣସ୍ଥବାଦ । ତା । ବଣନାବଇ । ମୌ । ବଣନାବର ଉତ୍ତରରେ (କଟକ ଚଉଦୋଣିଆ ବଗିଗୃହନିକଟ) ଥିବା ଶରବା ଜମି ମା ୨ । ୧୧ । ଓ ସେ ଜମି ଉପରେ ଥିବା ଅଠକାମଡ଼ା ଓ ବରଣ୍ଡାଯୁକ୍ତ ଏକ ଉତ୍ତମ ମଜବୁତ ପକାକୋଠା ଓ କଶ୍ଚ ରନ୍ଧନଶାଳା, ଗୋଦାମ ଓ ଅସ୍ତବଲ ବାଜେସର ବିକ୍ରୟ ହେବାକୁ ଅଛି, ଉକ୍ତ ଜମିରେ ନଡ଼ିଆ ଗୁଆ ଓ ନାନାବିଧ ଇଂରାଜୀ ଓ ଦେଶୀୟ ଫଳ ପୁଷ୍ପର ଏକ ସୁନ୍ଦର ବଗିଗ୍ଭ, ଦୁଇଗୋଟା ପୁଷ୍କରିଣୀ ଓ ଦୁଇଗୋଟି ପକା କୂଅ ଅଛି, ଜମିର ମୂଲ୍ୟ ଟ ୨୬୦ ୲ କୋଠା ବାଜେସରର ମୂଲ୍ୟ ଟ ୨୫୨୯୲ ଏପରି ଦୁଇପଦରୁ ମୋଟ ଟ ୩୨୦୦୲ କ୍ରୟକାରୀମାନେ ଚାହୁଁଲେ ତଳ ସ୍ୱାକ୍ଷରକାରୀ ମାନଙ୍କ ନିକଟରୁ ସବିଶେଷ ବୃତ୍ତାନ୍ତ ଗୋଚର ହୋଇ ମୂଲ୍ୟ ଧାରିତମତ ବନ୍ଦୋବସ୍ତ କରିପାରିବେ ।

କଟକ ନବ୍ଭିଜିକାର ଶ୍ରୀକ୍ଷିସ୍ତନପୁର } C. Jachuk.
ତା ୧୯ରିଶ ଡସେମ୍ବର ୧୮୬୬ }

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଉମେଶଚନ୍ଦ୍ର ମଣ୍ଡଳ | ବାଲେଶ୍ୱର | ବକାୟା | ଟ ୬୧ |
| „ ଶିବପ୍ରସାଦସିଂହ | ଯାଜପୁର | „ | ଟ ୪୧ |
| „ ଲକ୍ଷ୍ମଣମିଶ୍ର | ବଡ଼ଲସିଂହହାଟ | ଅଗ୍ରିମ | ଟ ୩। |
| „ ଜଗନ୍ନାଥପଟ୍ଟନାୟକ | ଜନାପଡ଼ା | „ | ଟ ୨୲୵ |
| „ ଉଗ୍ରସେନଚରଣ ସେନ | ପୁରୀ | ବକାୟା | ଟ ୧୫। |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com